ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୦ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 MARCH 2023

Vol.No. 34 ■ No. 64 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆମେରିକୀୟ ଗୁଇନ୍ଦା ରିପୋର୍ଟରେ ବଢ଼ ଆଶଙ୍କା

ବଢ଼ିପାରେ ଭାରତ-ପାକିସ୍ତାନ ଉତ୍ତେଜନା

ନୂଆଦିଲ୍ଲୀ, ୦୯/୦୩ : ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କକୁ ନେଇ ବଡ଼ ଆଶଙ୍କା କରିଛି ଆମେରିକା ଗୁଇନ୍ଦା ରିପୋର୍ଟ । ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଆହୁରି ଖରାପ ହେବ ବୋଲି ରିପୋର୍ଟରେ କୁହାଯାଇଛି । ଏପରି ସ୍ଥିତିରେ ଯଦି ପାକିସ୍ତାନ ଭାରତରେ କୌଣସି ବଡ଼ ଧରଣର ଆତଙ୍କବାଦୀ ଷଡ଼ଯନ୍ତ୍ର କରେ, ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବେ । ଏମିତିକି ପାକିସ୍ତାନରେ ଭାରତ ପୁଣିଥରେ ସର୍ଜିକାଲ ଷ୍ଟ୍ରାଇକ କରିପାରେ ବୋଲି ଆମେରିକା ଗୁଇନ୍ଦା ସଂସ୍ଥା ଜାରି କରିଥିବା ତା'ର ବାର୍ଷିକ ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ, ଭାରତ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ତିକ୍ତତା

ବଢ଼ ଚିନ୍ତାର କାରଣ ପାଲଟିଛି । ୨୦୨୧ ପ୍ରାରମ୍ଭରେ ନିୟନ୍ତ୍ରଣ ରେଖାରେ ଅସ୍ତ୍ରବିରତି ପାଇଁ ଦୁଇପକ୍ଷ ରାଜି ହେବା ପରେ ଉଭୟ ଦେଶ ସେମାନଙ୍କର ସମ୍ପର୍କକୁ ସୁଦୃଢ଼ କରିବାକୁ ଆଗ୍ରହୀ ହୋଇଛନ୍ତି । ହେଲେ ଆତଙ୍କବାଦୀ ସଂଗଠନକୁ ସମର୍ଥନ କରିବାରେ ପାକିସ୍ତାନର ଇତିହାସ ବହୁତ ପୁରୁଣା । ଏପରି ସ୍ଥିତିରେ ପାକିସ୍ତାନ କୌଣସି ଉପାୟରେ ଯଦି ଭାରତକୁ ଉସୁକାଇବା ପାଇଁ ଚେଷ୍ଟା କରିବ, ତେବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଅଧିକ ସାମରିକ ବଳ ପ୍ରୟୋଗ କରିପାରେ । ସେପଟେ ଭାରତ ଓ ଚୀନ୍ ସମ୍ପର୍କକୁ ନେଇ ଆମେରିକା ଗୁଇନ୍ଦା ରିପୋର୍ଟ ବଡ଼ ଦାବି କରିଛି । ରିପୋର୍ଟରେ କୁହାଯାଇଛି ଯେ, ଆଗକୁ ଭାରତ ଓ ଚୀନ୍ ମଧ୍ୟରେ ତିକ୍ତତା ବଢ଼ିବ । ଆଉ ଏହା ଯୁଦ୍ଧର ରୂପ ନେଇପାରେ । ଭାରତ ଓ ଚୀନ୍ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସୀମା ବିବାଦର ସମାଧାନରେ ଲାଗିଥିବା ବେଳେ ୨୦୨୦ରେ ହିଂସାତ୍ମକ ସୀମ ସଂଘର୍ଷ ପରେ ସ୍ଥିତି ଅଶାନ୍ତ ରହିବ, ଯାହା ଦଶନ୍ଧି ମଧ୍ୟରେ ସବୁଠାରୁ ଗୁରୁତର ବୋଲି ରିପୋର୍ଟରେ କୁହାଯାଇଛି । ଭାରତ ଓ ଚୀନ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇବା ଦ୍ୱାରା ଦୁଇ ପରମାଣୁ ଶକ୍ତି ସମ୍ପନ୍ନ ଦେଶ ମଧ୍ୟରେ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି । ଏହା ଆମେରିକୀୟ ନାଗରିକ ପାଇଁ ବିପଦ ସୃଷ୍ଟି କରିପାରେ । ସେଥିପାଇଁ ଆମେରିକାର ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି ବୋଲି ଗୁଇନ୍ଦା ରିପୋର୍ଟରେ କୁହାଯାଇଛି ।

୨୨ ଘଣ୍ଟା ପରେ ବି ଲିଭୁନି ପୁରୀ ସମ୍ରାଟ ମାର୍କେଟ କଂପ୍ଲେକ୍ସରେ ନିଆଁ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ଭୟଙ୍କର ନିଆଁ, ଶ୍ୱାସରୁଦ୍ଧ କଲା ଭଳି ଧୂଆଁ । ଅନାଚକ୍, ଅଘଟଣର ଅଗ୍ନିକାଣ୍ଡ ପୁରୀ ସହରକୁ ସ୍ତବ୍ଧ କରି ଦେଇଛି । ସଙ୍କଟ ଟଳିଯାଇଛି ସତ କିନ୍ତୁ ବ୍ୟାପକ କ୍ଷୟକ୍ଷତି ଘଟାଇଛି ବଡ଼ଦାଣ୍ଡରେ ଥିବା ସମ୍ରାଟ ମାର୍କେଟ୍ କମ୍ପ୍ଲେକ୍ସର ନିଆଁ । ସଂଯୋଗ କୁହନ୍ତୁ ବା ସୌଭାଗ୍ୟ ଏତେ ବଡ଼ ଅଗ୍ନିକାଣ୍ଡ ଭିତରୁ ଶହ ଶହ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି । କିନ୍ତୁ ନିଆଁକୁ ଆୟତ୍ତ କରିବା ପାଇଁ ନାକେଦମ୍ ହେବାକୁ ପଡ଼ିଛି । ସବୁ ଦିନ ଭଳି ସ୍ୱାଭାବିକ୍ ଥିଲା ପୁରୀ ମରିଚକୋଟ୍ ବଜାର । ଅଚାନକ୍ ଶୁଭିଥିଲା, ନିଆଁ ଲାଗିଲା ନିଆଁ ଲାଗିଲା । ମାର୍କେଟ ଭିତରେ ଥିବା ଦୋକାନ ଓ ଲଜରେ ଧାଁ ଧପଡ଼ ଆରମ୍ଭ ହୋଇଯାଇଥିଲା । ଖବର ପାଇ ତୁରନ୍ତ ୬ଟି ଦମକଳ

ବାହିନୀ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରାଥମିକତା ଥିଲା, ଫଶି ରହିଥିବା ଲୋକଙ୍କୁ ଉଦ୍ଧାର କରିବା । କାରଣ, ସେଠିଥିବା ଲଜ୍ ଭିତରେ ଥିଲେ ଶହେରୁ ଅଧିକ ପର୍ଯ୍ୟଟକ । ସେହିପରି ୪୦ରୁ ଅଧିକ ଦୋକାନ । ବହୁ କଷ୍ଟରେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ ଉଦ୍ଧାକାରୀ ଦଳ । ବୁଧବାରରୁ ଗୁରୁବାର । ଗୋଟିଏ ଦିନ ଜଳିଛି ମାର୍କେଟ୍ କମ୍ପ୍ଲେକ୍ସ । ଏହାରି ଭିତରେ ୧୨ଟି ଦମକଳ ଟିମ୍, ୧୦୦ରୁ ଅଧିକ ଅଗ୍ନିଶମ କର୍ମଚାରୀ, ୨ଟି ଓଡ୍ରାଫ୍ ଟିମ୍, ଫାୟର ସର୍ଭିସ୍ କଲେଜର ସ୍ୱତନ୍ତ୍ର ଟିମ୍ ନିଆଁକୁ ଆୟତ୍ତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଛନ୍ତି । ଘଟଣାର ଗମ୍ଭୀରତାକୁ ଦେଖି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ । ଧନଜୀବନକୁ ରକ୍ଷା କରିବା ପ୍ରାଥମିକତା ଥିଲା ବୋଲି କହିଛନ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ ।

ଚାଉଳ କାଟ୍ ଓ ଏଲପିଜି ଦର ବୃଦ୍ଧିକୁ ନେଇ ନବୀନଙ୍କ ଟାର୍ଗେଟ୍

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ଆମ ସରକାର ଲୋକଙ୍କୁ ଦେଇଥିବା କିଛି ବି ସୁବିଧା ବନ୍ଦ କରି ନାହିଁ । କେନ୍ଦ୍ର ସରକାର ଗରିବ ଲୋକଙ୍କ ଚାଉଳରୁ ପାଂଚ କେଜି କାଟିଦେଲେ । ସେହିପରି ଏଲପିଜି ଦର ଆକାଶଛୁଆଁ ହେଲାଣି । ଚାଉଳ କାଟିବା ଓ ଏଲପିଜି ଦର ବୃଦ୍ଧି ଯୋଗୁଁ ମା ମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି । ମୁଁ ଏଭଳି ପଦକ୍ଷେପକୁ କଡା ନିନ୍ଦା କରୁଛି । ଏଭଳି ମନ୍ତବ୍ୟ ଦେଇ କେନ୍ଦ୍ର ସରକାରଙ୍କୁ ସିଧା ସଳଖ ଟାର୍ଗେଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗୁରୁବାର ଦିନ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ଆର୍ନ୍ତଜାତିକ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ବିଜୁ ଜନତା ଦଳର ମୁଖ୍ୟ ଫୋକସ୍ । ବିଜୁ ବାବୁ କେବଳ ଓଡିଶା ନୁହେଁ, ସାରା ଭାରତରେ ମହିଳା ସଶକ୍ତିକରଣ ପାଇଁ ନୂଆ ରାସ୍ତା ଦେଖାଇଥିଲେ । ଆଜି ଓଡିଶା ଏକ ଆଗୁଆ ରାଜ୍ୟ ହୋଇପାରିଛି । ପଂଚାୟତ ଓ ଲୋକାଲ ବଡି ମାନଙ୍କରେ ମା ମାନଙ୍କର ସଂରକ୍ଷଣକୁ ଆମେ ୩୩%ରୁ ୫୦% କୁ ବୃଦ୍ଧି କରିଛୁ । ପାର୍ଲିଆମେଂଟ ଓ ବିଧାନସଭାରେ ମା ମାନଙ୍କ ପାଇଁ ୩୩% ସଂରକ୍ଷଣ ଦେବା ପାଇଁ ବିଜୁ ଜନତା ଦଳ ତାର ଲଢେଇ ଜାରି ରଖିବ ।

ଦିଲ୍ଲୀ କ୍ୟାବିନେଟର ମନ୍ତ୍ରୀ ଭାବେ ଶପଥ ନେଲେ ସୌରଭ ଭରଦ୍ୱାଜ ଓ ଆତିଶୀ

ନୂଆଦିଲ୍ଲୀ, ୦୯/୦୩ : ଦିଲ୍ଲୀର କେଜ୍ରିୱାଲ ସରକାରରେ ଦୁଇଜଣ ନୂଆ ମନ୍ତ୍ରୀ ଆଜି ଶପଥ ନେଇଛନ୍ତି । ଏନେଇ ରାଜଭବନରେ ଏକ ଶପଥଗ୍ରହଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ଉପ ରାଜ୍ୟପାଳ ଭି.କେ ସକସେନା ଓ କ୍ୟାବିନେଟର ଅନ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ । ଉପ ରାଜ୍ୟପାଳ

ଭିକେ ସକସେନା ଏହି ଦୁଇମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଦିଲ୍ଲୀ କ୍ୟାବିନେଟରେ ଆତିଶୀଙ୍କୁ ଶିକ୍ଷାମନ୍ତ୍ରୀ ଭାବେ ଶପଥ ଦିଆଯାଇଥିବା ବେଳେ ଅତିରିକ୍ତ ଭାବେ ତାଙ୍କୁ ଶକ୍ତି ଓ ପର୍ଯ୍ୟଟନ ବିଭାଗ ବି ମିଳିଛି । ସେହିଭଳି ସୌରଭ ଭରଦ୍ୱାଜଙ୍କୁ ଦିଲ୍ଲୀର ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଶପଥ ଦିଆଯାଇଥିବା ବେଳେ ଅତିରିକ୍ତ ଭାବେ ସହର ବିକାଶ, ଜଳ ଓ ଉଦ୍ୟୋଗ ବିଭାଗ ମିଳିଛି । ସୂଚନା ଥାଉକି ସୌରଭ ଭରଦ୍ୱାଜ କେଜ୍ରିୱାଲଙ୍କ ପ୍ରଥମ ୪୯ଦିନିଆ ସରକାରରେ ପରିବହନ ମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ । ସେପଟେ ଆତିଶୀ ଶିକ୍ଷା ବିଭାଗର ପୂର୍ବତନ ମନ୍ତ୍ରୀ ମନୀଷ ସିସୋଦିଆଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ ।

ଆଜିଠୁ ମାଟ୍ରିକ ପରୀକ୍ଷା : ଏଥର ୫ ଲକ୍ଷ ୪୧ ହଜାର ୨୪୭ ପରୀକ୍ଷାର୍ଥୀ

କଟକ, ୦୯/୦୩ (ନି.ପ୍ର):- ଶୁକ୍ରବାର ଠାରୁ ମାଟ୍ରିକ ସମେଟିଭ ପରୀକ୍ଷା ଆରମ୍ଭ ହେବ। ୫ ଲକ୍ଷ ୪୧ ହଜାର ୨୪୭ ଜଣ ପରୀକ୍ଷାର୍ଥୀ ଆସନ୍ତାକାଲି ମାଟ୍ରିକ ସମେଟିଭ ପରୀକ୍ଷା ଦେବେ। ୩୨୧୮ କେନ୍ଦ୍ରରେ ପରୀକ୍ଷା କରାଯିବ। ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିବା ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଅଫ ଓଡିଶା ପକ୍ଷରୁ ସୂଚନା ଦିଆଯାଇଛି । ବୋର୍ଡ ସଭାପତି ରମାଶିଷ ହାଜରା କହିଛନ୍ତି, ୩୧୬ଟି ନୋଡାଲ ସେଂଟର ରହିଥିବାବେଳେ ୨୨ଟି ପୁଲିସ ଷ୍ଟେସନ ରହିଛି। ସମସ୍ତ ଡିଓମାନଙ୍କୁ ତାଲିମ ଦିଆଯାଇଛି। ଏହାସହ ସମସ୍ତ ସେଂଟର ସୁପରିଣ୍ଟେଂଟମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ କହିଛନ୍ତି, ନୋଡାଲ



ସେଂଟରମାନଙ୍କରେ ପରୀକ୍ଷା ପ୍ରଶ୍ନପତ୍ର ପହଂଚି ଯାଇଛି। ପରୀକ୍ଷା ସେଂଟରମାନଙ୍କରେ ପରୀକ୍ଷା ଦିନ ପହଂଚିବ। ପ୍ରତିଦିନ ସକାଳ ୬ଟାରୁ ୭ଟା ମଧ୍ୟରେ ପ୍ରଶ୍ନ ପତ୍ର ପହଂଚିବ । ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଥମ ଥର ପାଇ ଜିଲ୍ଲା ପ୍ରଶାସନ ଏସ୍କର୍ଟ କରି ପ୍ରଶ୍ନପତ୍ର ନେଇଯିବେ। ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଣେ ସକାଳ ୮ଟା ରୁ ପରୀକ୍ଷା ଆରମ୍ଭ ହେବ। ପ୍ରଥମ ଦିନ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସେଂଟରରେ ୧ଘଂଟା ପୂର୍ବରୁ ପହଂଚିବାକୁ ଅର୍ଥାତ ସକାଳ ୭ଟାରେ ପହଂଚିବାକୁ କୁହାଯାଇଛି । ତେବେ ପରବର୍ତ୍ତୀ ଦିନ ମାନଙ୍କର ପିଲା ମାନେ ଏହାର ଦଶ ମିନିଟ ପରେ ମଧ୍ୟ ପହଂଚି ପାରିବେ। ମାଧ୍ୟମିକ ଶିକ୍ଷା ପରିଷଦ ଉପସଭାପତି ନିହାରରଞ୍ଜନ ମହାନ୍ତି କହିଛନ୍ତି ଯେ ଖରାକୁ ଆଖି ଆଗରେ ରଖି ପ୍ରଥମ ▶▶ପୃଷ୍ଠା ୭

ଏସିଡ଼ ଆକ୍ରମଣ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଗିରଫ

ବାଲେଶ୍ୱର, ୦୯/୦୩ (ନି.ପ୍ର): ଏସିଡ଼ ଆକ୍ରମଣ ଜନିତ ମହିଳା ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଚନ୍ଦନ କୁମାର ରଣା(୨୯)ଙ୍କ ସମେତ ମୋଟ ୮ଜଣଙ୍କୁ ପୁଲିସ ଗିରଫ କରିଛି। ପୂର୍ବରୁ ଚନ୍ଦନର ପ୍ରଥମ ପତ୍ନୀ ଓ ଅନ୍ୟ ୫ ଜଣ ସହଯୋଗୀ ଅଭିଯୁକ୍ତ ଗିରଫ ହୋଇଥିଲେ। ତେବେ ଗତ ୨୦ ତାରିଖରୁ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଓ ୬୫ ବର୍ଷୀୟ ବେଆଇନ ଏସିଡ଼ ବକ୍ରେତାଙ୍କୁ ପୁଲିସ ଗୁରୁବାର ଗିରଫ କରିଛି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ଦ୍ୱିତୀୟ ପତ୍ନୀ ବନିତା ସିଂ (୨୦)ଙ୍କ ଉପରେ ଏସିଡ଼ ଆକ୍ରମଣ କରି ଗତ ୨୦ ତାରିଖରୁ ଚନ୍ଦନ ଫେରାର

ହୋଇଯାଇଥିଲା। ତାକୁ ଧରିବା ପାଇଁ ଜିଲା ପୁଲିସ ପକ୍ଷରୁ ମୋଟ ୫ ଗୋଟି ଟିମ ଗଠନ କରାଯାଇ ତଦନ୍ତ ଜାରି ରହିଥିଲା। ସ୍ଥାନୀୟ ପୁଲିସ ଟିମ ଓ ଗୋଟିଏ ସାଇବର ଟିମ ସହିତ ଅନ୍ୟ ୩ ଗୋଟି ଟିମ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ତାମିଲନାଡୁ ପ୍ରଭୃତି ରାଜ୍ୟକୁ ଯାଇ ମୁଖ୍ୟ ଅଭିଯୁକ୍ତ ଚନ୍ଦନକୁ ଖୋଜାଖୋଜି କରିଥିଲା। ବିଶେଷ କରି ସାଇବର ଟିମର ମୋବାଇଲ ଟ୍ରାକିଂକୁ ଅନୁରସରଣ ପୂର୍ବକ କୋଲକାତା, ମହାରାଷ୍ଟ୍ର ଓ ତାମିଲନାଡୁ ପୁଲିସର ସହଯୋଗରେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଏସପି ଶ୍ରୀମତୀ ନାଥ ପ୍ରକାଶ କରିଛନ୍ତି। ବନିତାଙ୍କୁ ଜୀବନରୁ ମାରିଦେବା ପାଇଁ ଚନ୍ଦନ ପୂର୍ବରୁ ପ୍ରସ୍ତୁତି କରିଥିଲା। ସେଦିନ ଯଦି ବନିତା ୨୦ ତାରିଖରେ ତା'ସଙ୍ଗରେ ଘରକୁ ଯାଇଥା'ନ୍ତା ତାହାଲେ ▶▶ପୃଷ୍ଠା ୭

ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଠାରୁ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ଗୃହରେ ସ୍ଥାୟୀ କମିଟି ମାନଙ୍କର ରିପୋର୍ଟ ଉପସ୍ଥାପିତ ହେବ। ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଏପ୍ରିଲ ୬ ତାରିଖରେ ଶେଷ ହେବ। ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୨୧ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣରୁ ବଜେଟ୍ ଅଧିବେଶନ ଆରମ୍ଭ ହୋଇଥିଲା। ଫେବୃଆରୀ ୨୪ ତାରିଖରେ ୨୦୨୩-୨୪ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ ହୋଇଥିଲା।

ମନୋଜ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ଉପାଧିରେ ଘୋଷିତ କରିବାକୁ ଉଠିଲା ଦାବି

ଚନ୍ଦନେଶ୍ୱର, ୦୬/୦୩ (ନି.ପ୍ର): ପ୍ରଖ୍ୟାତ ଲେଖକ ପଦ୍ମଭୂଷଣ ମନୋଜ ଦାସଙ୍କ ସାହିତ୍ୟର ଦିଗଦିଗନ୍ତ ସମ୍ପର୍କରେ 'ବିଶ୍ୱର ସାହିତ୍ୟ ଓ ମନୋଜ ଦାସ ଶୀର୍ଷକ' ଏକ ଆଲୋଚନା ଚକ୍ର ଆଜି ସଂଧ୍ୟାରେ ଚନ୍ଦନେଶ୍ୱର ସ୍ଥିତ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଯାଇଛି । ମନୋଜ ଦାସ ଫ୍ୟାନ୍ ସୋସାଇଟି ପକ୍ଷରୁ ଅଡ୍‌ଭୋକେଟ ଶ୍ରୀଧର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏନ୍.ବି.ଟିର ପ୍ରାକ୍ତନ ନିର୍ଦ୍ଦେଶକ ଡ. ପ୍ରଫେସର ମାନସ ରଞ୍ଜନ ମହାପାତ୍ର ଉଦ୍‌ଘାଟନ କରି ମନୋଜ ସାହିତ୍ୟରେ ଥିବା ବିଶ୍ୱ ଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ମୁଖ୍ୟ ବକ୍ତାଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳିପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ଓ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, ପ୍ରାକ୍ତନ ସରପଞ୍ଚ ତପନ କୁମାର ପଣ୍ଡା, ସମାଜସେବୀ ବୁଦ୍ଧଦେବ ପଣ୍ଡା ଏବଂ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ମନୋଜ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଚର୍ଚ୍ଚା କରିଥିଲେ । ଅଧ୍ୟାପକ ଅଶୋକ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ମନ୍ମଥ-ମନୋଜ ଫାଉଣ୍ଡେସନର ଯୁଗ୍ମ ସମ୍ପାଦକ କବି ସୁଶାନ୍ତ ନାୟକ, ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ, ସୁବାଷ ଚନ୍ଦ୍ର ଦାସ, ରାମନାରାୟଣ ସାମଲ, ରାଜେନ୍ଦ୍ର ମହାନ୍ତି ଓ ନିରାକାର ପାଣ୍ଡବ ପ୍ରମୁଖ ବକ୍ତବ୍ୟ ଦେଇଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ହରିଚନ୍ଦନ ଶତପଥି । ପ୍ରାରମ୍ଭିକ ସଂଗୀତଗାନ କରିଥିଲେ ମିହିର କୁମାର ପଣ୍ଡା, ଦେବବ୍ରତ ଦାସ, ରାମନାରାୟଣ ସାମଲ ।

ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ବାଲେଶ୍ୱର, ୦୬/୦୩ (ନି.ପ୍ର): ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଆତିଥ୍ୟ ଭବନ ଠାରେ ପାଳିତ ହୋଇଯାଇଛି । ବରିଷ୍ଠ ଆଇନଜିବୀ, ସଂସ୍କୃତପ୍ରେମୀ ବିଜୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏହି ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଯୋଗଦେଇ ନାରୀ ହିଁ ନାରୀର ଶତ୍ରୁ । ସେ ଚାହିଁଲେ ହିଁ ସୁସ୍ଥ ସମାଜ ଗଠନ କରିପାରିବ । ନାରୀ ୫ଟି ମହାଶକ୍ତିର ଅଧିକାରୀ । ଅଗ୍ନି, ବାୟୁ, ଜଳ, ଆକାଶ ଓ ମାଟି ତା ହାତପାପୁଲିରେ । ସେ ଚାହିଁଲେ ମର୍ତ୍ତ୍ୟକୁ ସ୍ୱର୍ଗରେ ପରିଣତ କରିଦେଇପାରିବ । ଏଣୁ ନାରୀ ପ୍ରଥମେ ନିଜକୁ ନାରୀ ପ୍ରତିପାଦିତ କଲେ ଆନ୍ତର୍ଜାତିକ ମହିଳା

ଦିବସ ପାଳନର ଯଥାର୍ଥତା ରହିବ ବୋଲି କହିଥିଲେ । ଏହି ଉତ୍ସବରେ ନାରୀନେତ୍ରୀ ବାସନ୍ତୀ ସାମଲ, ବିସ୍ମିତା କର, ବିଜେପି ନେତ୍ରୀ ରଶ୍ମିରେଖା ଦେବ, ଚିତ୍ରାରାଣୀ ପାତ୍ର, କାଞ୍ଚନବାଳା ପାତ୍ର, ତାନଶ୍ରୀ ପାଣିଗ୍ରାହୀ, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ରେମୁଣା ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତି, ସସ୍ମିତା ପଣ୍ଡା, କାଉନସିଲର ମିନାରାଣୀ ମହାନ୍ତି, ରେଣୁ ବିଶ୍ୱଳ, ରୋଜି ପଟ୍ଟନାୟକ ଓ ରୋଜାଲିନି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ମହିଳା ଦିବସ ସମ୍ପର୍କରେ ନିଜର ମତ ରଖିଥିଲେ । ଏଥିରେ ଫ୍ୟୁଚର ବାଲେଶ୍ୱର କର୍ମକର୍ତ୍ତା ଦୁକୁଲ ଚନ୍ଦ୍ର ଘଡ଼େଇଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା

ସଙ୍କଟରେ ଜୟପୁର କାଗଜକଳ : ଶହ ଶହ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାର

ଜୟପୁର , ୦୯/୦୩ (ନି.ପ୍ର): ଦୁଇ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ଜୀବନ ଜୀବିକାର ମାଧ୍ୟମ ପାଲଟିଥିବା ଜୟପୁର କାଗଜକଳ ଏବେ ସଙ୍କଟରେ । ପରିଚାଳନାଗତ ତ୍ରୁଟି, କଞ୍ଚାମାଲ ଅଭାବ ସମସ୍ୟା ଏକ ଦଶନ୍ଧି ଧରି କାଗଜକଳର ଉତ୍ପାଦନରେ ବାଧକ ସାଜିଛି । ବାରମ୍ବାର ମାଲିକାନାରେ ପରିବର୍ତ୍ତନ, ରାଜ୍ୟ ସରକାରଙ୍କ ଅଣଦେଖା କାଗଜକଳର ସ୍ଥାୟିତ୍ୱକୁ ନେଇ ସୃଷ୍ଟି କରିଛି ପ୍ରଶ୍ନବାଚୀ । ଜିଲ୍ଲାର ଏକ ମାତ୍ର ବେସରକାରୀ ଶିଳ୍ପ ପୂର୍ବ ସ୍ଥିତିକୁ ଫେରିବା ପାଇଁ ସଂଘର୍ଷ କରୁଥିବାରୁ ଶିଳ୍ପ ମାନଚିତ୍ରରୁ ଜୟପୁର ହଜିଯିବା ଭଳି ସମ୍ଭାବନା ସୃଷ୍ଟି ହୋଇଛି । ୧୯୮୫ରେ ଉତ୍ପାଦନ ଆରମ୍ଭ କରିଥିଲା ବିଲ୍‌ଟ ସେବା ପେପର ମିଲ୍ । କମ୍ପାନିରେ ୬୦୦ରୁ ଊର୍ଦ୍ଧ୍ୱ ସ୍ଥାୟୀ, ୮୦୦ରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ, ଶହେରୁ ଊର୍ଦ୍ଧ୍ୱ ଅଧିକାରୀ କାର୍ଯ୍ୟରତ ଅଛନ୍ତି । କମ୍ପାନି ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଉପକୃତ ହୋଇ ଆସୁଥିଲେ । ୨୦୧୬ ପରଠାରୁ କାଗଜକଳ ପରିଚାଳନାରେ ଅଚଳାବସ୍ଥା ଲାଗି ରହିଥିବାରୁ ଶହ ଶହ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି ।

ଚାକିରି ହରାଇ ଦୁର୍ଦ୍ଦିନରେ ଦିନ କାଟୁଥିବା କିଛି କର୍ମଚାରୀ ଇତି ମଧ୍ୟରେ ନିଜ ବକେୟା ଦରମା, ପେନସନ୍, ପିଏଫ୍ ଟଙ୍କାକୁ ଚାହିଁ ଚାହିଁ ଆରପାରିକୁ ଚାଲିଗଲେଣି । ଆଉ କିଛି କର୍ମଚାରୀ ଏବେ ଦୁଇ ଓଳି ପେଟକୁ ଦାନା ଯୋଗାଡ଼ କରିବାରେ ସକ୍ଷମ ହୋଇପାରୁନାହାନ୍ତି । ଉଦାହରଣ ଭାବେ କାଗଜକଳରେ କାର୍ଯ୍ୟରତ ସ୍ୱର୍ଗତ ଘାସିରାମ ମାଣ୍ଡିଙ୍କ ପରିବାରର ବର୍ତ୍ତମାନ ଦୁଃସ୍ଥିତିକୁ ନିଆଯାଇପାରେ । ଘାସିରାମ କାଗଜକଳରେ ମେକାନିକାଲ୍ ଭାବେ କାମ କରୁଥିଲେ । କାଗଜକଳ କ୍ଷତି ସହିବା ପରେ ବିନା ଦରମାରେ କାମ କରି ଚାଲିଥିଲେ ଘାସିରାମ । ହେଲେ ୨୦୧୬ରେ କମ୍ପାନି ବନ୍ଦ ହେବା ପରେ ୫ ବର୍ଷର ବକେୟା ଦରମା ଚିନ୍ତାରେ ରୋଗଶଯ୍ୟାରେ ପଡ଼ି ଆରପାରିକୁ ଚାଲିଗଲେ ଘାସିରାମ । ଏବେ ଦୁଇ ଝିଅଙ୍କ ଭବିଷ୍ୟତ ସହ ପରିବାର ପରିଚାଳନା ନେଇ ଚିନ୍ତାରେ ଦିନ କାଟୁଛନ୍ତି ଘାସିରାମଙ୍କ ପତ୍ନୀ କୁନି ମାଣ୍ଡି । ସେହିପରି କମ୍ପାନିରେ ସିନିୟର୍ ଅପରେଟର୍ ଭାବେ କାମ କରୁଥିବା ନାରାୟଣ ସ୍ୱାଇଁଙ୍କ ପରିବାରର ଅବସ୍ଥା ମଧ୍ୟ ସମାନ । ଦରମା ଓ ଭତ୍ତା ଟଙ୍କାରୁ ବଞ୍ଚିତ ହୋଇ ରୋଗଶଯ୍ୟାରେ ପଡ଼ି ନାରାୟଣ ଆଖି ବୁଜିବା ପରେ ଏବେ ପତ୍ନୀ ସ୍ନେହଲତା ସ୍ୱାଇଁ ପରିବାର ଚଳାଇବାକୁ ନେଇ ଚିନ୍ତିତ । ଘାସିରାମ, ନାରାୟଣଙ୍କ ଭଳି ୧୩୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀଙ୍କ ପରିବାର ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । କିନ୍ତୁ କାଗଜକଳ ପରିଚାଳନା ନେଇ ସ୍ଥାୟୀ ସମାଧାନର ରାସ୍ତା ବାହାରି ପାରୁନଥିବାରୁ ବକେୟା ଦରମା, ପେନସନ୍ ଓ ପିଏଫ୍ ଟଙ୍କା କର୍ମଚାରୀଙ୍କ ପରିବାର ପାଇଁ ଦିବା ସ୍ୱପ୍ନ ସଦୃଶ୍ୟ ହୋଇଛି । କାଗଳକଳ ପ୍ରତିଷ୍ଠା ପରଠାରୁ ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛି । କାର୍ଯ୍ୟକ୍ଷମର ଦୁଇ ବର୍ଷ ପରେ ୧୯୮୭ରେ ୮୦ ଲକ୍ଷର ବିଦ୍ୟୁତ୍ ବିଲ୍ ବକେୟା ପାଇଁ କମ୍ପାନିରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିଲା । ତତ୍କାଳନୀ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୧ ମସିହାରେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଥିବା କାଗଜକଳର ପୁନରୁଦ୍ଧାର କରିଥିଲେ । ଏହାପରେ ୨୦୧୬ରେ କମ୍ପାନି ପୁଣି ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା । ୨୦୧୭ରେ ଉତ୍ପାଦନ ଆରମ୍ଭ ହୋଇ ପୁଣି ୨୦୧୯ରେ ବନ୍ଦ ହୋଇ ଯାଇଥିଲା । ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ କମ୍ପାନି ଚାଲିଥିବା ବେଳେ ୨୦୨୦ ମାର୍ଚ୍ଚରେ କରୋନା ଯୋଗୁ କମ୍ପାନି ବହୁ କର୍ମଚାରୀଙ୍କୁ ଛଟେଇ କରିଥିଲା । ୨୦୨୨ ନଭେମ୍ବରରେ କମ୍ପାନିର ମାଲିକାନା ଏମ୍‌ଇଆରପିଏଲ୍ ହାତକୁ ଯିବା ପରେ ବକେୟା ପ୍ରାପ୍ୟ ପାଇଁ ଅବସରପ୍ରାପ୍ତ କର୍ମଚାରୀ ଦାବି କରି ଆସୁଛନ୍ତି । ମାସିକ ଉତ୍ପାଦନ ୫୫୦୦ ଟନକୁ ବୃଦ୍ଧି ପାଇଲେ ବକେୟା ପ୍ରାପ୍ୟକୁ ପର୍ଯ୍ୟାୟକ୍ରମେ ଦେବା ପାଇଁ କମ୍ପାନି ରାଜି ହୋଇଛି । କମ୍ପାନି ପରିଚାଳନାରେ ସୃଷ୍ଟି ହୋଇଥିବା ସମସ୍ୟା କେବେ ଦୂର ହେବ ଏବଂ କମ୍ପାନି କେବେ ବକେୟା ପ୍ରଦାନ କରିବ ସେ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ କାଗଜକଳ ଶ୍ରମିକ ସଂଘ ସଭାପତି ପ୍ରମୋଦ ମହାନ୍ତି ଦାବି କରିଛନ୍ତି ।

ହଜିଗଲାଣି ସିପାଳ ହେଁସ, ମସିଣା : ମିଳୁନି ସରକାରୀ ପ୍ରୋତ୍ସାହନ, ଦୁର୍ଦ୍ଦିନରେ କାରିଗର

ନିରାକାରପୁର , ୦୯/୦୩ (ନି.ପ୍ର): ଦିନଥିଲା ଧନୀ ହେଉ ବା ଗରିବ, ସମସ୍ତଙ୍କ ଘରେ ଯେମିତି ହେଲେ ଖଣ୍ଡେ ଦିଖଣ୍ଡ ସିପାଳ ହେଁସ ଓ ମସିଣା ରହୁଥିଲା । ଏହାକୁ ତଳେ ପାରି ଶୋଇବାକୁ ସମସ୍ତେ ଭଲ ପାଉଥିଲେ । ଖାଲି ସେତିକି ନୁହେଁ, ବାହାଘର ଓ ବ୍ରତଘର ହେଲେ ନିଶ୍ଚିତଭାବେ ଏହି ମସିଣାର ଖୋଜା ପଡୁଥିଲା । ପାରମ୍ପରିକ ଭାବେ ଏହା ବିଭିନ୍ନ ଶୁଭକାମର ଅନ୍ୟତମ ଦରକାରି ଜିନିଷ ଭାବେ ପରିଗଣିତ ହେଉଥିଲା । ଏବେ କିନ୍ତୁ ଏହାର ଚାହିଦା ଯଥେଷ୍ଟ କମିଛି । ପ୍ଲାଷ୍ଟିକ୍ ମସିଣା ବଜାରକୁ ଆସିବା ପରେ ସିପାଳ ହେଁସ, ମସିଣା ଆଉ ସେଭଳି ବିକ୍ରିବଟା ହେଉନି । ଏହି ମସିଣା ପାଇଁ ଆବଶ୍ୟକ କଞ୍ଚାମାଲ ମଧ୍ୟ ଆଉ ଆଗଭଳି ମିଳୁନାହିଁ । ସିପାଳ ମସିଣା ତିଆରି ପାଇଁ ବେରୁଆଁ ଓ ସିପାଳ ଆଦି ପର୍ଯ୍ୟାପ୍ତ ପରିମାଣରେ ମିଳୁନାହିଁ । ଭଲ ରୋଜଗାର ହେଉ ନଥିବାରୁ ଏଭଳି ମସିଣା ବୁଣୁଥିବା ବୁଣାକାରଙ୍କ ସଂଖ୍ୟା ମଧ୍ୟ କମିକମି ଗଲାଣି । ଯେଉଁମାନେ ବି ଆଜି ଏହି ପେସାରେ ଅଛନ୍ତି, ସେମାନେ ଘୋର ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଛନ୍ତି । ଗୋଟିଏ ପଟରେ ସରକାରୀ ପ୍ରୋତ୍ସାହନର ଅଭାବ ଏବଂ ଅନ୍ୟପଟରେ ଆଧୁନିକତାର ଛାପ ଯୋଗୁ ଏହି ବ୍ୟବସାୟର ଆକାର ଓ ପ୍ରକାର ଦିନକୁ ଦିନ ତଳମୁହାଁ ହେଲାଣି । ଫଳରେ ଏହାକୁ ବେଉସାକରି ଜୀବିକା ଅର୍ଜନ କରୁଥିବା ବୁଣାକାରଙ୍କ ସହ ସେମାନଙ୍କ ପରିବାର ବି ଆର୍ଥିକ ଅନଟନ ଭିତରେ ଗତି କରୁଛନ୍ତି । ପୂର୍ବେ ଟାଙ୍ଗୀ ବ୍ଲକ୍ କନ୍ତଳବାଇ ପଂଚାୟତ ଅଧୀନସ୍ଥ ବାଲିପାଟପୁର ଅଞ୍ଚଳ ଏହି ମସିଣା ପ୍ରସ୍ତୁତିର ପ୍ରମୁଖ ପେଣ୍ଠସ୍ଥଳି ଥିଲା । ଆଜି ମଧ୍ୟ ପାଲିପାଟପୁର କଲୋନି ଅଞ୍ଚଳରେ ପାଖାପାଖି ୧୦୦ ପରିବାର ଏହି ବେଉସା ସହ ଜଡ଼ିତ ଅଛନ୍ତି । ହେଲେ ଆବଶ୍ୟକ କଞ୍ଚାମାଲ ଅଭାବରୁ ଏବେ ଏମାନେ ହାତବାନ୍ଧି ବସିଛନ୍ତି । ସ୍ଥଳବିଶେଷରେ ପ୍ଲାଷ୍ଟିକ୍ ସାମଗ୍ରୀ ମିଳିଯାଉଥିବାରୁ, ଏହି ହାତବୁଣା ଜିନିଷର ଚାହିଦା ଢେର କମିଛି । ଦିନଥିଲା ଏହି କୁଶଳୀ କାରିଗରଙ୍କ ଦାଣ୍ଡଦୁଆରେ ମସିଣା ତିଆରି ପାଇଁ ଧାଡ଼ିଧାଡ଼ି ବାଣୀ ଲାଗୁଥିଲା । ସେହିଭଳି ଧାନବିଲର ଖାଲୁଆ ଜମିରେ ବର୍ଷାଦିନରେ ଉଠୁଥିବା ବେଣାକୁ ବୁଣାକାର ଯତ୍ନର ସହ ସଂଗ୍ରହ କରୁଥିଲା । ଏହାକୁ କାଟି ଶୁଖାଯାଉଥିଲା । ଶୁଖିବାପରେ ଏହାକୁ ରଙ୍ଗବେରଙ୍ଗ ସୁତାରେ ବିଭିନ୍ନ କିସମର ମସିଣା ବୁଣାଯାଉଥିଲା । ଆଜି କିନ୍ତୁ ଦିନତମାମ ପରିଶ୍ରମକରି ବୁଣକାର ମାତ୍ର ୩ରୁ୪ଟି ପଟି ବୁଣିପାରୁଛି । ଗୋଟିଏ ପଟିର ଦାମ ଅତିବେଶୀ ହେଲେ ୩୦ ଟଙ୍କାରେ ବିକ୍ରି ହେଉଛି । ଫଳରେ ପରିବାର ପ୍ରତିପୋଷଣ କରିବା ଏଭଳି ବୁଣାକାରଙ୍କ ପାଇଁ କାଠିକର ପାଠ ହୋଇଛି । ସରକାରୀ ପ୍ରୋତ୍ସାହନ ନମିଳିଲେ ଏହି କଳା ଆଉ ବଞ୍ଚି ରହିପାରିବ ନାହିଁ ବୋଲି କହିଛନ୍ତି ମହିଳା କାରିଗର ପ୍ରମିଳା ଦାସ । ପ୍ରଶାସନିକ ସ୍ତରରେ ଏଥିପ୍ରତି ଗୁରୁତ୍ୱ ଦିଆଗଲେ ଏଥିରେ ନିୟୋଜିତ ଥିବା ପରିବାର ଚଳିବା ସହ ପାରମ୍ପରିକ ଦ୍ରବ୍ୟର ଗୁରୁତ୍ୱ ବଢ଼ିପାରନ୍ତା ବୋଲି ମତ ରଖିଛନ୍ତି ପ୍ରମିଳା ।

ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ

ନୂଆପଡ଼ା, ୦୯/୦୩ (ନି.ପ୍ର): ଖଡ଼ିଆଳ ସ୍ଥିତ କ୍ଷତ୍ରିୟ ଭବନ ଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ନିର୍ବାଚନ ହୋଇଯାଇଛି । ଉକ୍ତ ନିର୍ବାଚନରେ ଜିଲ୍ଲା ସଭାପତି ଭାବେ ଯଶୋବନ୍ତ ନାରାୟଣ ପଣ୍ଡା, ଉପସଭାପତି ଦ୍ୱୟ ତୂରନ ଲାଲ ସାହୁ ଓ କଲ୍‌ଯାଣୀ ବିଶ୍ୱାଳ, ସାଧାରଣ ସମ୍ପାଦକ ଭାବେ ଧନୁ ବାଗ, ସଂଗଠକ- ହୃଦାନନ୍ଦ ମେହେର, ଯୁଗ୍ମସଂପାଦକ ତ୍ରୟ ମୀନକେତନ ନିଆଲ, ସଞ୍ଜୟ ପାଢି ଓ ବିଜୟ କୁମାର ମଲ୍ଲିକ, କୋଷାଧକ୍ଷ- ଭାରତ ବାଗ, ସଂଯୋଜକ- ଗଜରାଜ ବଇଠାରୁ, ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ।

ଉକ୍ତ ସଭାରେ ନିର୍ବାଚନ କରିବାକୁ ରାଜ୍ୟ ସଂଘରୁ ପ୍ରତିନିଧିତ୍ୱ କରୁଥିବା କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ସର୍ବଶ୍ରୀ ଧୀରେନ୍ଦ୍ର ପଟନାୟକ, ବିରେନ୍ଦ୍ର ବାଗ, ଉପେନ୍ଦ୍ର ପ୍ରଧାନ, ଦିଲୀପ ଖାମ୍ ସେନ୍, ଅମରେନ୍ଦ୍ର ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିବା ସ୍ଥଳେ ମାନସ ପଦ୍ମ ପଣ୍ଡା, ବୈଷ୍ଣବ ଦୁରିଆ, ଚନ୍ଦ୍ର କୈବର୍ତ୍ତ, ସରୋଜ ଅଗସ୍ତି, କଲ୍‌ଯାଣୀ ବିଶ୍ୱାଳ ମଂଚାସୀନ ଥିଲେ । କାର୍ଯ୍ୟକାରୀ ଜିଲ୍ଲା ସଭାପତି ଯଶୋବନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ ଓ ଜିଲ୍ଲା ସମ୍ପାଦକ ଧନୁ ବାଗ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶଙ୍କର ପୁରୋହିତ ମଂଚ ପରିଚାଳନା କରିଥିଲେ । ଏହି ସଭାରେ ଭାରତଭୂଷଣ ଖମାରି, ରୂପା ବାଗ, ଧର୍ମବୀର୍ ରାଉତ, ମମତା ପାଢି, ପ୍ରମୋଦ ମିଶ୍ର, ହିଙ୍ଗୁଳା ମାଝୀ, ଯଜ୍ଞ ମହାନ୍ତି, ସୁବ୍ରତା ଦାଶ, କୁନ୍ତୀ ଶବର, ମକର ଧ୍ୱଜ ବାରିକ, ଶ୍ୟାମ ଦଣ୍ଡସେନାଙ୍କ ସମେତ ସମସ୍ତ ବ୍ଲକ୍ ର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

ସଂକଟରେ ଅର୍ଜନି ଗ୍ରାମବାସୀ : ମିଳୁନି ମୌଳିକ ସୁବିଧା, ଶୋଷ ମେଣ୍ଟାଉଛି ବାଲିଚୁଆଁ

ତୁରେକେଲା , ୦୯/୦୩ (ନି.ପ୍ର): ତୁରେକେଲା ବ୍ଲକ୍ ବଡ଼ବାଙ୍କି ପଞ୍ଚାୟତ ଅର୍ଜନି ଗାଁର ଲୋକେ ଆଜି ବି ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଛନ୍ତି । ୨୮ଟି ଆଦିବାସୀ ପରିବାର ରହୁଥିବା ଏହି ଗାଁର ଲୋକେ ସରାକାରୀ ଯୋଜନା ବିଷୟରେ ଜାଣିନାହାନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ, ଗାଁରେ ୨ଟି ନଳକୂଅ ଅଛି । ହେଲେ ସେଥିରୁ ଗୋଳିଆ ପାଣି ବାହାରୁଛି । ବର୍ଷାଦିନେ ଜିଆ, ପୋକ ଆଦି ବାହାରିଥାନ୍ତି । ଏବେ ଗ୍ରୀଷ୍ମ ଆରମ୍ଭରୁ ପାଣି ସମସ୍ୟା ଦେଖାଦେଲାଣି । ସକାଳୁ ଗାଁର ମହିଳାମାନେ ବାଲ୍‌ଟି, ଗରା ଧରି ପାଖରେ ଥିବା ନାଳାକୁ ଯାଉଛନ୍ତି । ସେଠାରେ ବାଲିଚୁଆଁ କରି ପାଣି ସଂଗ୍ରହ କରୁଛନ୍ତି । ସେହିପରି ଏମାନେ ପେଟପାଟଣା ପାଇଁ ପ୍ରତିଦିନ ସଂଘର୍ଷ କରୁଛନ୍ତି । ଜଂଗଲଘେରା ଗାଁରେ ବସବାସ କରୁଥିବା ଏହି ଲୋକମାନେ ମହୁଲ, କେନ୍ଦୁପତ୍ର ସହ ଅନ୍ୟ ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ତାହା ବିକ୍ରି କରି ନିଜ ପରିବାର ଚଳାଉଛନ୍ତି । କେବେ କେମିତି କାମ ମିଳିଲେ ଦିନ ମଜୁରିଆ ଭାବେ କାମ କରନ୍ତି ନହେଲେ ହାତବାନ୍ଧି ଘରେ ବସିବାକୁ ମଧ୍ୟ ପଡ଼ିଥାଏ । ଏମାନଙ୍କ ଆଉ ଏକ ସମସ୍ୟା ହେଲା ହାତୀ ଉପଦ୍ରବ । ସବୁ ସମୟରେ ହାତୀ ଓ ଅନ୍ୟ ବଣ୍ୟପ୍ରାଣଙ୍କ ଭୟ ଲାଗି ରହିଥାଏ । ଗାଁ ଲୋକ କିଛି ଚାଷ କରିବାକୁ ଚେଷ୍ଟା କଲେ ତାହା ହାତୀ ନଷ୍ଟ କରିଦିଏ । ଫଳରେ ଏମାନେ ଚାଷ କରିବାକୁ ମଧ୍ୟ ପସନ୍ଦ କରୁନାହାନ୍ତି । ୨୮ ପରିବାର ରହୁଥିଲେ ମଧ୍ୟ ମାତ୍ର ୪ଟି ପରିବାରକୁ ଆବାସ ଯୋଜନାରେ ଘର ମିଳିଛି । ଗାଁରେ କୌଣସି ସ୍କୁଲ ନାହିଁ । ପ୍ରଥମ ଶ୍ରେଣୀରେ ପଢୁଥିବା କୁନି କୁନି ଶିଶୁମାନେ ନଦୀ ପାରି ହୋଇ ୯କିମି ଦୂର ସ୍କୁଲକୁ ଯାଇଥାନ୍ତି । ବର୍ଷା ଦିନେ ରାସ୍ତା ଠିକ୍ ନଥିବା ଯୋଗୁଁ ସ୍କୁଲ ଯାଆନ୍ତି ନାହିଁ । ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ଗର୍ଭବତୀ ଏବଂ ଶିଶୁମାନେ ସରକାରୀ ଯୋଜନାରୁ ବାଦ୍ ପଡୁଥିବା ଅଭିଯୋଗ କରିଛନ୍ତି । ଏତେ ସବୁ ସମସ୍ୟାରେ ଥିଲେ ମଧ୍ୟ ଗାଁକୁ ନିର୍ବାଚିତ ପ୍ରତିନିଧି କି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼େ ନାହିଁ । କେବଳ ୨୦୦୨ ମସିହାରେ ଜଣେ ପ୍ରଶାସନିକ ଅଧିକାରୀ ଗାଁକୁ ଆସିଥିଲେ । ଗାଁରେ ଟିଂକୁଅ କାମ ଠିକ୍ ଭାବେ ହେଉଛି କି ନାହିଁ ପଚାରି ବୁଝି ଚାଲିଯାଇଥିଲେ । ତା' ପରଠାରୁ ଆଉ କାହାରି ଦେଖା ମିଳି ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ପ୍ରଶାସନ ଏମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଜୟପୁର ରେଳ ଷ୍ଟେସନର ସମୀକ୍ଷା କଲେ ଡିଆରଏମ

ଜୟପୁର, ୦୯/୦୩ (ନି.ପ୍ର): ଜୟପୁର ରେଳ ଷ୍ଟେସନର ସମିକ୍ଷା କରିଛନ୍ତି ୱାଲେଟିଅର ଡିଭିଜନର ଡିଆରଏମ ଅନୁପ ଶତପଥି । କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଯୋଜନାରେ ୧୬ଟି ଷ୍ଟେସନର ନବିକରଣ ହେବ । ସେଥିମଧ୍ୟରୁ ଜୟପୁର ଷ୍ଟେସନ ସ୍ଥାନ ପାଇଛି । ଡିଆରଏମ ଅନୁପ ଶତପଥିଙ୍କ ସହ ବୈଷୟିକ ଟିମ ରେଳ ଷ୍ଟେସନର ସବୁ ଆଡେ ବୁଲି ସମିକ୍ଷା କରିଛନ୍ତି ।ଦୀର୍ଘ ଦିନ ଧରି ଜୟପୁର ରେଳ ଷ୍ଟେସନର ଉନ୍ନତିକରଣ ସାଙ୍ଗକୁ ନୂତନ ଟ୍ରେନ ଚଳାଚଳ ପାଇଁ ବିଭିନ୍ନ ସଂଗଠନ ତରଫରୁ ଦାବୀ ହୋଇ ଆସୁଥିଲା । ଡିଆରଏମ ଶ୍ରୀ ଶତପଥିଙ୍କ ସୂଚନା ପରେ ଜୟପୁର ରେଳ ଷ୍ଟେସନର ରୂପରେଖ ବଦଳିବ । ଦୀର୍ଘ ଦିନ ଧରି ବିଶାଖାପାଟଣା ଡିଭିଜନର କୋରାପୁଟ - ଜୟପୁର ଡବଲ ଲାଇନ କାଯ୍ୟ ନିର୍ମାଣଧିନ ରହିଛି । ବିଶାଖାପାଟଣା ଠାରୁ କୋରାପୁଟ ମଧ୍ୟରେ ଅନେକ ପାହାଡ ଓ ଜଙ୍ଗଲ ରହିଥିବା ବେଳେ ଅନେକ ସୁଡଙ୍ଗ ଓ ଟନେଲ ନିର୍ମାଣ କରିବାକୁ ପଡୁଥିବାରୁ ସେ କାଯ୍ୟର ଟିକେ ବିଳମ୍ବ ହେଉଛି । ଅନ୍ୟ ପଟେ ଜୟପୁର ରେଳ ଷ୍ଟେସନରେ ଆବଶ୍ୟକିୟ ଭିତିଭୂମିର ତାଲିକା ପ୍ରସ୍ତୁତ କରାଯାଉଛି । ରେଳ ଷ୍ଟେସନକୁ ଜାତୀୟ ରାଜପଥ ଠାରୁ ଷ୍ଟେସନ ଯାଏ ୪ ଶହ ମିଟରର ରାସ୍ତା ନିର୍ମାଣ କରିବା ପାଇଁ ନକ୍ସା ଡିଆରଏମକୁ ପ୍ରଦାନ କରିଛି ଜନ କଲ୍ୟାଣ ମଂଚ । ସେପଟେ ହିରାଖଣ୍ଡ ଟ୍ରେନରେ ୨ଟି ଅତିରିକ୍ତ ବଗି ଓ ଜୟପୁର- ପୁରୀ ଟ୍ରେନ ଚଳାଚଳା ସହ କିଛି ନୂତନ ଟ୍ରେନ ପାଇଁ ଦାବୀ ହୋଇଛି । ସେପଟେ ଆବଶ୍ୟକିୟ ସମସ୍ତ ଭିତିଭୂମି ଏବଂ ଅନ୍ୟାନ୍ୟ ଦାବିକୁ କେନ୍ଦ୍ର ସରକାରଙ୍କ ନିକଟରେ ପହଂଚାଯିବ । ଏହା ସହ ଜୟପୁର- ନବରଙ୍ଗପୁର, ଜୟପୁର - ମାଲକାନଗିରି ରେଳ ଲାଇନ ଉପରେ ପଚାରି ବୁଝିଥିଲେ ଶ୍ରୀ ଶତପଥି । ଜମି ଅଧିଗ୍ରହଣ ହେବା ପରେ କାଯ୍ୟ ଆରମ୍ଭ ହେବ ବୋଲି ଡିଆରଏମ ସୂଚନା ଦେଇଥିଲେ ।

ରୋଗୀଙ୍କ ଜୀବନ ସହ ଖେଳ : ନୟାଗଡ଼ ଜିଲ୍ଲାରେ ମାଳମାଳ ବେଆଇନ ପାଥୋଲାବ୍, ଡାଇଗ୍ନୋସିସ୍ ସେଣ୍ଟର

ନୟାଗଡ଼ , ୦୯/୦୩ (ନି.ପ୍ର): ନୟାଗଡ଼ ଜିଲ୍ଲା ସଦର ମହକୁମା ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚତୁଃପାର୍ଶ୍ୱଠାରୁ ଆରମ୍ଭ କରି ଜିଲ୍ଲାବ୍ୟାପୀ ମାଳମାଳ ବେଆଇନ ଛୋଟ ପାଥୋଲାବ୍‌ଠାରୁ ଆରମ୍ଭ କରି ଡାଇଗ୍ନୋସିସ୍ ସେଣ୍ଟର ସବୁ ଖୋଲିଛି । ଜିଲ୍ଲାରେ ଆଇନସମ୍ମତ ଡାଇଗ୍ନୋସିସ୍ ସେଣ୍ଟର ସଂଖ୍ୟା ପ୍ରାୟ ୧୫ ହୋଇଥିବା ବେଳେ, ବେଆଇନ ଭାବେ ମାଳମାଳ ଡାଇଗ୍ନୋସିସ୍ ସେଣ୍ଟର ଚାଲିଛି । ଛତୁ ଫୁଟିଲା ଭଳି ପାଥୋଲାବ୍ ସବୁ ଗଳିକନ୍ଦିରେ ଖୋଲିଛି । ଚିକିତ୍ସା ବିଜ୍ଞାନରେ ସାମାନ୍ୟ ଜ୍ଞାନ ଥିବା ନକଲି ବ୍ୟକ୍ତିବିଶେଷ ଏଠାରେ ସବୁ ଡାକ୍ତରଠାରୁ ଆରମ୍ଭ କରି ଲାବୋରାଟୋରି ଟେକ୍ନିସିଆନ୍ ପାଲଟିଯାଇଛନ୍ତି । ଯେଉଁଥିପାଇଁ ଅନେକ ସମୟରେ ରୋଗୀଙ୍କ ମୃତ୍ୟୁ ଘଟୁଥିବାର ନଜିର ମଧ୍ୟ ରହିଛି ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରଣପୁର, ଓଡ଼ଗାଁ, ଭାପୁର, ନୂଆଗାଁ, ଗଣିଆ ଆଦି ଅଞ୍ଚଳରେ ପଞ୍ଜିକୃତ ଡାଇଗ୍ନୋସିସ୍ ସେଣ୍ଟର ନାହିଁ । ଅନେକ ବେଆଇନ ଡାଇଗ୍ନୋସିସ୍ ସେଣ୍ଟରର ରିପୋର୍ଟକୁ ସରକାରୀ ଡାକ୍ତର ମଧ୍ୟ ଗ୍ରହଣ କରୁଛନ୍ତି । ଏଭଳି ବେଆଇନ ସଂସ୍ଥା, ନକଲି ଡାକ୍ତର, ନକଲି ଏଲ୍‌ଟି ପ୍ରମୁଖଙ୍କ ସହିତ ଖୋଦ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସଂପୃକ୍ତି ଅନେକ ମାମଲାରେ ଧରାପଡ଼ିଥିବା ମଧ୍ୟ ଦେଖାଯାଇଛି, କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ୍ୟ । ଏଭଳି ବେଆଇନ କାରବାରକୁ କିଛି ସରକାରୀ ବାବୁ ପ୍ରୋତ୍ସାହନ ଯୋଗାଇ ଦେଉଥିବା ସ୍ପଷ୍ଟ ହେଉଛି ।

ବିଭିନ୍ନ ଡାଇଗ୍ନୋସିସ୍ ସେଣ୍ଟର, ପାଥୋଲାବ୍‌ରେ ଲାବୋରାଟୋରି ଟେକ୍ନିସିଆନ୍ (ଏଲ୍‌ଟି) ଭାବେ କାମ କରୁଥିବା ଅନେକ ବ୍ୟକ୍ତି ନକଲି ବୋଲି ଖବର ମିଳିଛି । କିଏ ପଶ୍ଚିମବଙ୍ଗ ତ କିଏ ଅନ୍ୟ କେଉଁ ରାଜ୍ୟରୁ ସାର୍ଟିଫିକେଟ୍ ହାତେଇଛନ୍ତି । ନିଜକୁ ଡାକ୍ତର ବୋଲାଇ ବେଆଇନ ଭୂଣ ଚିହ୍ନଟଠ

ଅମୃତଭଣ୍ଡା ମଞ୍ଜି ଖାଇଲେ ମିଳିଥାଏ ଅନେକ ରୋଗରୁ ମୁକ୍ତି: ଜାଣନ୍ତୁ କେଉଁ ରୋଗକୁ ଏଡ଼ାଇ ପାରିବେ

ଅମୃତଭଣ୍ଡା ଏପରି ଏକ ଫଳ ଯାହା ଉଭୟ ଶୀତ ଏବଂ ଗରମ ଦିନେ ଖିଆଯାଏ । ଏହା ସ୍ୱାଦରେ ଚମତ୍କାର ହେବା ସହିତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଭଲ ହୋଇଥାଏ । ଏହା ଖାଇବା କେବଳ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ କିନ୍ତୁ ଏହାର ମଞ୍ଜି ଅନେକ ରୋଗରେ ମଧ୍ୟ ଲାଭଦାୟକ ପ୍ରମାଣିତ ହୁଏ । ତେବେ ଅମୃତଭଣ୍ଡା ମଞ୍ଜି ଆମ ଶରୀର ଉପରେ କେଉଁ ପ୍ରକାର ପ୍ରଭାବ ପକାଇଥାଏ ତାହା ଜାଣି ରଖନ୍ତୁ । ଅଧିକାଂଶ ଫଳର ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଭଲ ହୋଇନଥାଏ କିନ୍ତୁ ଅମୃତଭଣ୍ଡା ମଞ୍ଜି ଅନ୍ୟ ଫଳର ମଞ୍ଜି ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହି ମଞ୍ଜି ଚର୍ବି ତରଳାଇବାରେ ଭଲ କାମ କରିଥାଏ । କାରଣ ଏଥିରେ ବହୁତ ଫାଇବର ରହିଥାଏ, ଯାହା ଚର୍ବି କମ କରିବା ପାଇଁ କାମ କରେ । ଅମୃତଭଣ୍ଡା ମଞ୍ଜି ମଧ୍ୟ ପିରିୟଡ ଯନ୍ତ୍ରଣାରେ ଆରାମ ଦେଇଥାଏ । ଏହା ପେଟ କଷ୍ଟକୁ ହ୍ରାସ କରିଥାଏ । ଏହି ମଞ୍ଜି କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ କାର୍ଯ୍ୟ କରିଥାଏ । ଏଥିରେ ମୋନୋ ସାଚୁରେଟେଡ୍ ଫ୍ୟାଟି ଏସିଡ୍ ଥାଏ । ଏହା ମଧ୍ୟ ଅନ୍ତନଳୀକୁ ସୁସ୍ଥ ରଖିବା ପାଇଁ କାର୍ଯ୍ୟ କରିଥାଏ । ଏଥିରେ ପ୍ରୋଟୋଲାଇଟିକ୍ ଏନଜାଇମ୍ ରହିଥାଏ । ଏହାର ମଞ୍ଜି ଥଣ୍ଡା ଏବଂ ଜ୍ୱରରେ ଆରାମ ଯୋଗାଇବା ପାଇଁ ମଧ୍ୟ କାମ କରେ । ଏହାକୁ ଖାଇବା ଦ୍ୱାରା ପୁରୁଣା ରୋଗରୁ ମୁକ୍ତି ମିଳିଥାଏ । ଏହା ହୃଦୟ ପାଇଁ ମଧ୍ୟ ବହୁତ ଭଲ ବୋଲି କୁହାଯାଏ । ଏହାର ଫାଇବର ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ କାମ କରିଥାଏ ।

କେଶ ଝଡୁଛି କି ? ଏହି ସବୁ ସତର୍କତା ଅବଲମ୍ବନ କରିବାକୁ ଭୁଲନ୍ତୁ ନାହିଁ

ଆଜିକାଲି କେଶ ଝଡ଼ିବା ଏକ ସାଧାରଣ ସମସ୍ୟା । ମୁଖ୍ୟତଃ ଅତ୍ୟାଧିକ ପ୍ରଦୂଷଣ, ହରମୋନ୍ ପରିବର୍ତ୍ତନ, କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିଥାଏ । ଶରୀରର ଆଉ କିଛି ସମସ୍ୟା ହେଲେ ଯେତିକି ଚିନ୍ତା ହୋଇ ନଥାଏ କେଶ ଝଡ଼ିଥିଲେ କିନ୍ତୁ ଗଭୀର ମାତ୍ରାରେ ଦୁଃଖ ଲାଗିଥାଏ । କିପରି ଭାବେ ଏହି ସମସ୍ୟାକୁ ରୋକାଯାଇ ପାରିବ ସେ ବିଷୟରେ ଚିନ୍ତା କରି କରି ବେଳ ସରିଯାଏ । କେଶ ଝଡ଼ିବା ଦୁଃଖରେ ଆସି ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ । ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ । ତେବେ ଚାଲନ୍ତୁ ଜାଣିବା କ'ଣ କଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ ।

- ଆପଣଙ୍କର ଯଦି ଧୂମପାନ ଅଭ୍ୟାସ ଅଛି ତ ଆପଣଙ୍କୁ ତାହା ଛାଡ଼ିବାକୁ ପଡ଼ିବ । କାରଣ ଧୂମପାୟୀଙ୍କ କ୍ଷେତ୍ରରେ କେଶ ଝଡ଼ିବା ସମସ୍ୟା ଟିକେ ଅଧିକ ରହିଥାଏ ।
- ଚିନ୍ତା ବି କେଶ ଝଡ଼ିବାର ଏକ ପ୍ରମୁଖ କାରଣ ହୋଇଥାଏ । ଚିନ୍ତା ମୁକ୍ତ ରହିଲେ କେଶ ଝଡ଼ିବା ସମସ୍ୟାକୁ ସହଜରେ ଦୂରେଇ ଦେଇ ହେବ ।
- ପ୍ରଦୂଷଣ କେଶ ପାଇଁ ଖୁବ୍ ଖରାପ ହୋଇଥାଏ । ସେଥିପାଇଁ ବାହାରକୁ ଗଲା ବେଳେ ଆପଣ ନିଜ କେଶରେ କପଡ଼ା ଗୁଡ଼ାଇ ଯିବାକୁ ଚେଷ୍ଟା କରନ୍ତୁ ।
- କେଶରେ ଲୁଣ ପାଣି ନବଜାଇବାକୁ ଚେଷ୍ଟା କରନ୍ତୁ । ସମୁଦ୍ରରେ ଯଦି କେବେ ଗାଧଉଛନ୍ତି ତ ପ୍ରଥମେ କେଶକୁ ସୁରକ୍ଷା ଦିଅନ୍ତୁ । ସମୁଦ୍ର ପାଣି କେଶ ପାଇଁ ଆଦୌ ବି ଭଲ ହୋଇନଥାଏ ।

ବୁଲି ଯାଆନ୍ତୁ କୋଣାର୍କରେ ଥିବା ଏହି ତନ୍ତ୍ର ପୀଠ

ମଠ ପ୍ରତିଷ୍ଠା ହେବା ଦିନରୁ ଜଳୁଛି ତ୍ରୀକୋଣିୟ ଅଗ୍ନି କୁଣ୍ଡ

ଆପଣ କେବେ ନା କେବେ କୋଣାର୍କ ବୁଲି ଯାଇଥିବେ । ଏହାର ସୌନ୍ଦର୍ଯ୍ୟ ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ । ତେବେ ଆପଣ କୋଣାର୍କ ଗଲେ ସୂର୍ଯ୍ୟମନ୍ଦିର, ପାଖରେ ଥିବା ରାମଚଣ୍ଡୀ ଆଉ ଚନ୍ଦ୍ରଭାଗା ସମୁଦ୍ରକୂଳ ଯାଇଥିବେ । କିନ୍ତୁ ଆଜି ଆପଣଙ୍କୁ ସେହି କୋଣାର୍କର ଏପରି ଏକ ସ୍ଥାନ ବିଷୟରେ କହିବୁ ଯାହା ବିଷୟରେ ବହୁତ କମ୍ ଲୋକ ଜାଣିଥିବେ । ତେବେ ଆସନ୍ତୁ ଜାଣିବା ସେହି ସ୍ଥାନକୁ ଗଲେ ଆପଣ କ'ଣ ଦେଖିବେ ଆଉ କ'ଣ ସବୁ ବିଷେଶତ୍ୱ ରହିଛି ।

ବିଶ୍ୱପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିରର ଦକ୍ଷିଣ ଦିଗରେ ଶହ ଶହ ବର୍ଷ ତଳର ପ୍ରାଚୀନ ଅନନ୍ତ ଅବଧୂତ ମଠ ଅବସ୍ଥିତ । ବହୁତ କମ୍ ଲୋକ ସେହି ପ୍ରାଚୀନ ମଠ ସମ୍ପର୍କରେ ଜାଣିଛନ୍ତି । ସେଥିପାଇଁ ସେଠାରେ ଲୋକଙ୍କର ଏତେ ଗହଳି ମଧ୍ୟ ଦେଖାଯାଏନାହିଁ । କିମ୍ବଦନ୍ତି ଅନୁସାରେ, ଭଗବାନ ଶିବ ସେଠାରେ ଅଗ୍ନି କୁଣ୍ଡ ସ୍ଥାପନ କରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରିଥିଲେ । ଦ୍ୱାପର ଯୁଗରେ କୃଷ୍ଣଙ୍କର ପୁଅ ସାମ୍ବ ସେହି ସ୍ଥାନରେ ସୂର୍ଯ୍ୟଙ୍କ ଉପାସନା କରି ରୋଗ ମୁକ୍ତ ହୋଇଥିଲେ ।

ମାଦଳା ପାଞ୍ଜିରେ ମଧ୍ୟ ଅବଧୂତ ମଠର ବର୍ଣ୍ଣନା ରହିଛି । ସେହି ସ୍ଥାନ ଏକ ତନ୍ତ୍ର ପୀଠ ଭାବେ ମଧ୍ୟ ଜଣାଶୁଣା । ସେଠାରେ ତାନ୍ତ୍ରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥାଏ ।

ଆପଣ ସେହି ମଠକୁ ଗଲେ ସୂର୍ଯ୍ୟ ନାରାୟଣଙ୍କ ଏକ ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଇବେ । ସେଠାରେ ଓଁକାର ରୂପୀ ନିରାକାର ବ୍ରହ୍ମାଙ୍କର ମୂର୍ତ୍ତି ମଧ୍ୟ ଆପଣ ଦେଖିବାକୁ ପାଇବେ । ମଠ ପ୍ରତିଷ୍ଠା ହେବା ଦିନଠାରୁ ସେଠାରେ ଜ୍ୱଳନ୍ତ ଅବସ୍ଥାରେ ତ୍ରୀକୋଣିୟ ଅଗ୍ନିକୁଣ୍ଡ ରହିଛି ।

ଏହାକୁ ବାଦ୍ ଦେଲେ ଆପଣ ସେଠାରେ ଅନେକ ପ୍ରାଚିନ ମୂର୍ତ୍ତୀ ଦେଖିବାକୁ ପାଇବେ । ତାହା ଏକ ତନ୍ତ୍ର ପୀଠ ହୋଇଥିବାକୁ ସେଠାରେ ଅନେକ ତନ୍ତ୍ର ପୋଥି ସାଇତା ହୋଇରହିଛି । ଇତିହାସ ଅନୁସାରେ, ଅନେକ ସେହି ମଠକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ । ତେଣୁ ଏଥିରୁ ଉଦ୍ଧାର ପାଇବା ପାଇଁ ସେଠାକାର ତତ୍କାଳୀନ ମଠାଧିସ ନରସିଂହ ଅବଧୂତ ଘୁଷୁରି ମାଂସ ସହ ତୁଳସୀ ପତ୍ର ପ୍ରସାଦ ବ୍ୟବସ୍ଥା ଆରମ୍ଭ କରିଥିଲେ । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବକୁଳ ଅମାବାସ୍ୟା ତିଥିରେ ସେଠାରେ ଘୁଷୁରୀ ମାଂସ ତରକାରୀ ଏବଂ ତୁଳସୀ ପତ୍ର ଲାଗି କରାଯାଏ ।

ଅନନ୍ତ ଅବଧୂତ ମଠ ପ୍ରତିଷ୍ଠା ହେବା ଦିନଠାରୁ ଦାୟିତ୍ୱରେ ଥିବା ମଠାଧିଷମାନଙ୍କର ସମାଧି ମଧ୍ୟ ଆପଣ ଦେଖିବାକୁ ପାଇବେ । ଏହା କେବଳ ଇତିହାସ ଦୃଷ୍ଟିରୁ ନୁହେଁ ପରମ୍ପରା ଦୃଷ୍ଟିରୁ ମଧ୍ୟ ସେହି ମଠର ବହୁତ ଗୁରୁତ୍ୱ ରହିଛି ।

ଆପଣ ଏହି ମଠକୁ ଯିବାକୁ ଚାହିଁଲେ ରାଜଧାନୀ ଭୁବନେଶ୍ୱରରୁ ବସ୍, ଟ୍ରେନ୍, ଟ୍ୟାକ୍ସି କିମ୍ବା ନିଜ ଗାଡ଼ିରେ ମଧ୍ୟ ଯାଇପାରିବେ । ଭୁବନେଶ୍ୱରରୁ ଏହା ୬୫ କି.ମି. । ସେହି ସ୍ଥାନକୁ ଆପଣ ବର୍ଷର ଯେ କୌଣସି ସ୍ଥାନରେ ଯାଇ ବୁଲି ଆସି ପାରିବେ ।

ଘରେ ପ୍ରସ୍ତୁତ କରନ୍ତୁ ଚିକେନ ଗୋଲମରିଚ

ଆବଶ୍ୟକ ସାମଗ୍ରୀ:

ଚିକେନ
ପିଆଜ
ଲଙ୍କାଗୁଣ୍ଡ
ଜିରାଗୁଣ୍ଡ
ଗରମ ମସଲା
ଗୋଲମରିଚ ଗୁଣ୍ଡ
ଲେମ୍ବୁ ରସ
ଦହି
କସ୍ତୁରୀ ମେଥି
ହଳଦି ଗୁଣ୍ଡ
ରିଫାଇନ୍ ତେଲ
ଗୁଜୁରାତି
ଲବଙ୍ଗ
ଡାଲଚିନି
ଲୁଣ

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ । ଏହା ପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ । ସେହିଭଳି ପିଆଜକୁ ଭାଜି ଅଳ୍ପ ବାଟି ରଖନ୍ତୁ । କଡ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି) ପକାନ୍ତୁ । ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନ୍‌କୁ ଚଲାନ୍ତୁ । ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ । ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ ।

ସ୍ମୃତିଶକ୍ତିର ଉତ୍ତମ ଖୋରାକ୍



କିଶୋରବୟସ୍କାରୁ ହିଁ ପିଲାଙ୍କ ସ୍ମୃତିଶକ୍ତି ବୃଦ୍ଧି ନିମନ୍ତେ ପିତାମାତା ବିଭିନ୍ନ ପଦକ୍ଷେପ ନେଇଥାନ୍ତି । ସେମାନଙ୍କ ଖାଦ୍ୟପାନୀୟ ସହ ଅନ୍ୟାନ୍ୟ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଏ । ଯେପରି ସେମାନେ କେତେ ସମୟ ଖେଳିବେ, କେଉଁ ସମୟରେ ଟିଭି ଅବା କମ୍ପ୍ୟୁଟରରେ ଗେମ ଖେଳିବେ ଇତ୍ୟାଦିଇତ୍ୟାଦି । ବିଶେଷଜ୍ଞଙ୍କ ମତରେ ଏସବୁ ବାଦ ଉତ୍ତମ ପୋଷାକତତ୍ତ୍ୱଯୁକ୍ତ ଖାଦ୍ୟ ଓ ନିଦ୍ରା, ସ୍ମୃତି ଶକ୍ତି ବଢ଼ାଇବାରେ ଖୁବ ସହାୟକ ।

ନିୟମିତ ଭାବେ ଯଦି କୌଣସି ବ୍ୟକ୍ତି ଯୋଗ, ପ୍ରାଣାୟମ କରୁଥାନ୍ତି, ତାଙ୍କ ସ୍ମୃତି ଶକ୍ତି କ୍ଷିପ୍ର ବେଗରେ ବଢ଼ିଥାଏ । ସକାଳବେଳା କିଛି ସମୟ ଧ୍ୟାନ କରିବା ଶରୀର ନିମନ୍ତେ ମଧ୍ୟ ଖୁବ୍ ହିତକାରୀ । ପିଲାମାନେ ମଧ୍ୟ ଏହା ଅଭ୍ୟାସ କରିବା ଉଚିତ ।

କାମର ଚାପରେ ଥକ୍କାପଣ ବଢ଼େ, କିନ୍ତୁ ଅବିରତ ବା ନିରନ୍ତର ପରିଶ୍ରମରେ ବ୍ୟତିବ୍ୟସ୍ତ ଲାଗିଥାଏ । ଏସବୁ ସହିତ ନିଦ ଠିକ୍ ଭାବେ ଓ ଠିକ୍ ସମୟରେ ନ ହେଲେ, ଅସୁବିଧା ଅଧିକ ହୋଇଥାଏ । ଦୈନିକ ପିଲା ଠାରୁ ବୟସ୍କ ସମସ୍ତ ବର୍ଗର ଲୋକ ୬-୭ ଘଣ୍ଟା ଶୋଇବା ଭଲ । ଏହା ସ୍ମୃତିଶକ୍ତି ବଢ଼ାଇଥାଏ । ନିଦ ଅଧାରୁ ଭାଙ୍ଗିଲେ ତାହା ସର୍ବପ୍ରଥମେ ଆମ ମାନସିକ ସ୍ଥିତି ଓ ସ୍ମୃତିଶକ୍ତିକୁ ପ୍ରଭାବିତ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

କର୍ମଜୀବୀ ବ୍ୟକ୍ତି ହୋଇଥିଲେ ଦିନବେଳା ଭୋଜନ ପରେ ୧୦-୧୫ ମିନିଟ୍ ନିଜ ଥକ୍କାପଣ ମେଣ୍ଟାଇବା ନିମନ୍ତେ ଆରାମ କରନ୍ତୁ । ଏପରି କଲେ ଶରୀରକୁ ଫୁର୍ତ୍ତି ଲାଗିଥାଏ ।

ବିୟର - ରମେନ

ବିୟର ସହ ହ୍ୱାଇଟ୍ ନୁଡୁଲ୍ସର ମିଶ୍ରିତ ଖାଇବା, ଶୁଣିଲା ବେଳକୁ ଅଜିବ୍ ଲାଗିଲେ ବି ଏହା ଏକ ଖାଦ୍ୟ ଯାହାର ଚାହିଦା ଖୁବ ଅଧିକା ହୁଏତ ଭାରତରେ ଏ ଖାଦ୍ୟ ସେତେ ପ୍ରସିଦ୍ଧ ନୁହେଁ କିନ୍ତୁ କାନାଡ଼ାରେ ଏହା ଖୁବ ଫେମସ । କାନାଡାରେ ମିଳୁଥିବା ଏହିବ ବିୟର-ରେମନର ମଜା ଛୋଟପିଲାମାନେ ମଧ୍ୟ ଉଠାନ୍ତି । ପ୍ରକୃତରେ କହିବାକୁ ଗଲେ ଏହା କୌଣସି ବିୟରରୁ ପ୍ରସ୍ତୁତ ଫ୍ଲେକ୍ସ ଆଉ ଏହାର ଉପର ଅଂଶଟି ହେଉଛି ଅଣ୍ଡାର ଧଳାଅଂଶ ଓ ଜିଲେଟିନର ଏକ ମିଶ୍ରଣ, ବିଶେଷ କରି ଏହା କୌଣସି ବିୟର ବା ନିଶାଶକ୍ତ ପଦାର୍ଥରୁ ପ୍ରସ୍ତୁତ ହୁଏନାହିଁ, ସେଥିପାଇଁ ଏହାର ମଜା କାନାଡାର ଛୋଟ ପିଲାମାନେ ମଧ୍ୟ ଉଠାଇଥାନ୍ତି ।

ଘରେ ତିଆରି କରନ୍ତୁ ଗୋଲାପ ଘିକୁଆଁରୀ ମିଶ୍ରଣ

ଘିକୁଆଁରୀ ରସ କବଳ ଓ କୀଟାଣୁନାଶକ । ଏହା ତ୍ୱଚାର ଯତ୍ନ ନିଏ । କଳା ଦାଗ ଦୂର ସହିତ ତ୍ୱଚାକୁ ଉଜ୍ଜ୍ୱଳ ରଖେ । ତେବେ, ଘିକୁଆଁରୀ ରସ ଓ ଗୋଲାପ ଜଳର ମିଶ୍ରଣ ତ୍ୱଚା ପାଇଁ ଆହୁରି ଉପକାରୀ । ବଜାରରେ ତାହା ମିଳୁଥିଲେ ହେଁ, ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ ଲାଗି ସେଥିରେ ରାସାୟନିକ ମିଶିଥାଏ । ଘରେ ମିଶ୍ରଣ ପ୍ରସ୍ତୁତ କରି ଲଗାନ୍ତୁ, ଅଧିକ ସୁଫଳ ମିଳିବା । ପ୍ରସ୍ତୁତି ପ୍ରଣାଳୀ:- ଗୋଟିଏ ଘିକୁଆଁରୀ ପତ୍ରକୁ ମୂଳରୁ କାଟିଆଣନ୍ତୁ । ଭଲ ଭାବେ ଧୋଇବା ପରେ, ପତ୍ରର ଗୋଟିଏ ପାଖ କାଟି ଉପର ଅଂଶକୁ ହାତରେ ଟାଣି କାଢ଼ିଦିଅନ୍ତୁ । ଏହା ଦ୍ୱାରା ରସ ସଂଗ୍ରହ ସହଜ ହୁଏ । ଚାମଚରେ ରସ କାଢ଼ି ନିର୍ଦ୍ଦିଷ୍ଟ ପାତ୍ରରେ ରଖନ୍ତୁ । ଯେପରି ଆଦୌ ସବୁଜ ଅଂଶ ବାହାରି ନ ଆସେ, ସେଥି ପ୍ରତି ଧ୍ୟାନ ରଖନ୍ତୁ । ସେଥିରେ ଦଶ-ବାର କେଇ ବୁନ୍ଦା ଗୋଲାପ ଜଳ ପକାଇ ଭଲ ଭାବେ ଫେଣ୍ଟିଦିଅନ୍ତୁ । ଏହା ଦ୍ୱାରା ମିଶ୍ରଣ ସୁଗନ୍ଧିତ ହୁଏ । ଅଧିକ ଲାଭ ପାଇଁ ଭିଟାମିନ ଇ-ତୈଳ ମିଶାଇପାରିବେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ନକଲି ଔଷଧ କାରବାର ଜାଲ...

ଆମ ଦେଶ ଓ ଦେଶରେ ପ୍ରସ୍ତୁତକାରୀମାନଙ୍କର ଜାଲ ବିଛାଇ ହୋଇ ରହିଛି । ବାହାର ଦେଶରେ ଏହାର ର୍ୟାକେଟର ସାମ୍ରାଜ୍ୟ ଯେଉଁଭଳି ଶକ୍ତିଶାଳୀ, ଆମ ଦେଶରେ ମଧ୍ୟ ତାହାର ବିସ୍ତୋରିତ ରୂପ ଚମକାଇ ଦେଲା ଭଳି । ପ୍ରଧାନତଃ କେନ୍ଦ୍ରଶାସିତ ଅଞ୍ଚଳ, ଯେଉଁଠାରେ ନୋ- ଟ୍ୟାକ୍ସ ଜୋନ୍ ରହିଛି, ସେହି ସ୍ଥାନଗୁଡ଼ିକ ନକଲି ଔଷଧ ପ୍ରସ୍ତୁତିର ମୁଖ୍ୟ ହବ୍ ପାଲଟି ଗଲାଣି । ସମସ୍ତେ ଏହି ତଥ୍ୟ ଓ ସତ୍ୟ ଜାଣିବା ପରେ ସୁଦ୍ଧା ଚୁପ୍ ହୋଇ ରହିବା ଏବଂ ସବୁ ଜାଣିଶୁଣି ତାହାକୁ ବରଦାସ୍ତ କରାଯିବା ସମସ୍ତଙ୍କୁ ଚକିତ କରିଛି । ହିମାଚଳ ପ୍ରଦେଶ, ବିହାର, ହରିଆଣା, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟରେ ନକଲି ବା ଡୁପ୍ଲିକେଟ୍ ଔଷଧ ନିର୍ମାତାମାନଙ୍କର ବିଷବଳୟ ପୂରା ଦମ୍‌ରେ ଚାଲିଥିବା ଜଣାଯାଇଛି । ହିମାଚଳ ପ୍ରଦେଶର ବଦ୍ଦି ଏରିଆ(ସୋଲାନ୍ ଜିଲ୍ଲା)ରେ ଅସଂଖ୍ୟ ନକଲି କାରଖାନା କରି କୋଟି କୋଟି ଜିଏସ୍‌ଟି ଫାଙ୍କି ଭଳି ଅବାଞ୍ଛିତ କାରବାରକୁ ବଢ଼ାଇ ଚାଲିଛନ୍ତି ନିର୍ମାତାମାନେ । ଆମ ରାଜ୍ୟର ବରଗଡ଼, ଟିଟିଲାଗଡ଼, ଝାରସୁଗୁଡ଼ା, ଏପରିକି ରାଜଧାନୀ ଉପକଣ୍ଠରେ ଏହି ଭଳି ନକଲି ତଥା ଡୁପ୍ଲିକେଟ୍ ମେଡିସିନ୍ ପ୍ରସ୍ତୁତି ଓ କାରବାର ବ୍ୟାପି ଚାଲିଛି । ଏହି ବିଷଚକ୍ର ଯେମିତି ବ୍ୟାପି ଚାଲିଛି, ତାହାକୁ ଡ୍ରଗ୍‌ସ କଂଟ୍ରୋଲବାଲା ପକଡ଼ି ପାରୁନାହାଁନ୍ତି । ଏଭଳି ହେଉଛି, ଯେଉଁମାନେ ଧରପଗଡ଼ କରିବା କଥା, ସେମାନଙ୍କ ଭିତରେ ରହିଛନ୍ତି ଗାଡୁଆ ମୂଷାମାନେ । କୋଟି କୋଟି ରାଜସ୍ୱ ଲୁଟିର ବଡ଼ ମାଧ୍ୟମ ପାଲଟି ସାରିଛି ଜିଏସ୍ ଫାଙ୍କି । ଭୁବନେଶ୍ୱର-କଟକ ଟ୍ୱିନ୍ ସିଟିରେ ଲଗାତାର ତଲାସିରୁ ବହୁ ଫାଙ୍କି ଧରାପଡ଼ିଥିବାର ଜଣଶଯାଇଥିବା ବେଳେ ତାହା ଭାତହାଣ୍ଡିରୁ ଗୋଟିଏ ଚିପିଲା ନ୍ୟାୟରେ ହେଉଛି । ଯେଉଁ ବ୍ରାଣ୍ଡେଡ୍ ଔଷଧ ମାର୍କେଟରେ ଚାଲୁଛି, ଯାହାର ମାର୍କେଟିଂ ଅଧିକ, ତାହା ଡୁପ୍ଲିକେଟ୍ କରି ମୁନାଫାଖୋରମାନେ ବିପୁଳ ଧନ ଅର୍ଜନ କରିଚାଲିଛନ୍ତି । ପୋଲିସ ଓ ଭିଜିଲାନ୍ସ ଅଧିକାରୀମାନେ କାଳେ ଜାଣିପାରୁଛନ୍ତି ଯେ, ଦେଶର ୬ଟି ରାଜ୍ୟରେ ଏହି ନକଲି ଔଷଧ କାରବାର ଅଧିକ ଚାଲିଛି । ମାତ୍ର ନକଲି କାରବାରରେ ଲିପ୍ତମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଏବଂ ସେମାନଙ୍କର ହାତ ବହୁତ ଲମ୍ବା । ନକଲି ଔଷଧ ତିଆରି କରି ତାହାର ଚାଲାଣ ଓ କାରବାର ବ୍ୟାକେଟ୍‌ରେ ପ୍ରଭାବଶାଳୀ ମହଲ ଜଡ଼ିତ, ତାହା ତଦ୍‌ବିଦ୍ ମହଲ ଭଲରୂପେ ଜାଣିପାରୁଛନ୍ତି । କେତେକ ସ୍ଥାନରେ ସେହି ଆବର୍ଜନାଗୁଡ଼ିକୁ ନିଆଁ ଲଗାଇ ପୋଡ଼ି ଦିଆଯାଉଛି କିମ୍ବା ପୋତି ଦିଆଯାଉଛି । କଣ୍ଟାବାଞ୍ଜିର ଗୋଟିଏ ପରିତ୍ୟକ୍ତ କୂଅରେ ବିପୁଳ ପରିମାଣର ନକଲି ଔଷଧ ପଡ଼ିଥିବା କଥା ବହୁବର୍ଷ ତଳେ ଧରାପଡ଼ିଥିଲା । ତାହା ସେହି ସମୟରେ ସାମଗ୍ର ରାଜ୍ୟରେ ଚହଳ ପକାଇ ଦେଇଥିଲା । ପୁଲିସ ଓ ଚଢ଼ାଉ କରୁଥିବା ଅଧିକାରୀମାନେ ଡାଳେ ଡାଳେ ଯାଉଥିଲା ବେଳେ ନକଲି ବେପାରୀମାନେ ପତ୍ରରେ ପତ୍ରରେ ଖସି ଚକ୍ରମା ଦେଉଛନ୍ତି । ନକଲି ଔଷଧ କାରବାରର ଚେର ବହୁତ ଲମ୍ବା । ଏହାର ଅନ୍ତଃରାଜ୍ୟ ବ୍ୟାକେଟ୍ ପର୍ଦ୍ଦା ଫାସ କରାଯିବା ଏତେ ସହଜ ନୁହେଁ । ନାମକରା କମ୍ପାନିର ବହୁପ୍ରଚଳିତ ଔଷଧ ପ୍ରସ୍ତୁତ କରି ବଡ଼ଧରଣର ମାର୍କେଟିଂ କୌଶଳ ଆପଣା ଯାଇଥାଏ । କଟକ-ଭୁବନେଶ୍ୱର ଭଳି ଜାଗାରେ ଏହି ଔଷଧ ଚାଲୁଥିବା ସମୟରେ ତାହାର ବ୍ୟବହାରରେ ସେଭଳି କିଛି ପ୍ରଭାବ ଦେଖାଯାଇନଥାଏ । ଥରେ ଯେଉଁ ଟାବଲେଟ୍ କୋର୍ସ ସେବନ କଲେ ତାହାର ଉପକାର ପାଇବା ଦେଖାଯାଇଥାଏ, ତାହା ବାରମ୍ବାର ବ୍ୟବହାର କଲେ ସୁଦ୍ଧା ଫଳ ଦେଖାଉନାହିଁ । ସେହିଭଳି କଫ୍ ସିରପ୍ ବାରମ୍ବାର ବ୍ୟବହାର କଲେ ସୁଦ୍ଧା କାଶ-କଫରୁ ନିସ୍ତାର ପାଇବା ମୁସ୍କିଲ୍ ହୋଇଥାଏ । ଏହା ମଧ୍ୟରେ ଓଡ଼ିଶା ପୁଲିସ୍ ବାରାଣସୀର ଏକ କମ୍ପାନି ନାମରେ ଏତଲା ରୁଜୁ କରିଥିବାବେଳେ ହିମାଚଳ ଓ ହରିଆଣାର ବହୁ ଜାଲି କମ୍ପାନି ନାମରେ ଟିକସ ଠକେଇ ମାମଲା କରିଛି । ଜାଲି ଜିଏସ୍ ଇନ୍‌ଭଏସ୍ ମାରି ଅନ୍ତଃରାଜ୍ୟ ଚ୍ୟାକେଟ୍ ଚଳାଇବା ଏବଂ ତାହାରି ମାଫିତ କୋଟି କୋଟି ଧନରାଶି ଫାଙ୍କିବା କୌଶଳ ଜଣା ମାଫିଆମାନଙ୍କୁ । ବିହାର, ହରିଆଣା, ତେଲଙ୍ଗାନା ଭଳି ରାଜ୍ୟ ସମେତ ଅତିକମ୍‌ରେ ୬ଟି ରାଜ୍ୟରେ ଏହି ବିଷଚକ୍ର ସକ୍ରିୟ ରହିଛି । ବିଷାକ୍ତ ତଥା ନକଲି ଔଷଧ କାର୍ଟୁନ୍ ଉପରେ କୌଶଳ କରି ମାଫିଆମାନେ ଜିଏସ୍ ଇନ୍‌ଭଏସ୍ ମାରି ବିଭିନ୍ନ ରାଜ୍ୟକୁ ମାଲ୍ ଚାଲାଣ କରୁଥିବାର ଦେଖାଯାଉଛି । ସରକାର କୋଭିଡ ପୂର୍ବରୁ ଓ ପରେ ନକଲି ଡ୍ରଗ୍‌ସ ଉପରେ ଜିଏସ୍ଟି ଲଗାଇ ବିପୁଳ ରାଜସ୍ୱ ପାଇଥିବାର କହୁଛନ୍ତି । ମାତ୍ର ଯେତିକ ପାଇଛନ୍ତି, ତା'ଠାରୁ ହରାଇଛନ୍ତି ଯଥେଷ୍ଟ ଅଧିକ । ହିମାଚଳ ପ୍ରଦେଶରେ ଆରମ୍ଭ ହୋଇଥିବା ଚ୍ୟାକେଟ୍ ତମାମ୍ ଦେଶରେ ଜାଲ ବିଛାଇ ସାରିଛି । ଯେତେ ଯିଏ ଚାହିଁଲେ ସୁଦ୍ଧା ସେଥିରୁ ନିସ୍ତାର ମିଳିବା କେତେ କାଠିକର ପାଠ, ତାହା ସମସ୍ତଙ୍କୁ ଉଣା ଅଧିକ ଜଣା ।

ସମୟର ଚକ

ସୁଧାଂଶୁ ଶେଖର ଦ୍ୱିବେଦୀ

ସମୟର ଚକ ଗଡୁଥାଏ
ଅଟକି ଯାଏନି କାହାପାଇଁ
କ୍ଷଣକେ ବଦଳେ ସବୁକିଛି
ଯେମିତି ପତ୍ରଝଡାରେ ବସନ୍ତ ।

ବହିପଢୁଥିବା ବାଲିକଣା
ମାଟିର ଅତଡା
ପାହାଡର ପିମ୍ପୁଡି
କେତେ କେତେ କାହାଣୀ
ସମୟ ସହିତ ସମାଧି ହୋଇଛି ।

ସମୟ ଦେଇଛି କେତେ କ'ଣ
କବିତା, କାହାଣୀ, ଗୀତ
ପର୍ବ, ଉତ୍ସବ ମହୋତ୍ସବ
ପରିବାର, ପରିଜନ, ପାଖଲୋକ
ସବୁ ସ୍ମୃତିର ଲୁହରେ ହଜିଛି ।

ସମୟ କାହାପାଇଁ ଏକାପରି ନୁହେଁ
ଜୀବନ ରଙ୍ଗର ଭ୍ରମ
କିଛି ଅଛି-କିଛି ନାହିଁ
ଶୂନ୍ୟ
ସବୁ ଶୂନ୍ୟ ।

ସମୟର ଚକ ଗଡୁଥାଏ
ଅଟକି ଯାଏନି କାହାପାଇଁ
ହୁଏତ ତୁମେ ରହିପାର
ଅଥବା ମୁଁ !

❤ବିସି-୭୪,ସଲଟ
ଲେକ,କୋଲକତା-୬୪
ମୋ-୯୬୮୧୩୭୩୫୧୨

ଟଙ୍କା

ପଙ୍କଜ କୁମାର ପାଣିଗ୍ରାହୀ

ଟଙ୍କାର ନିୟନ୍ତ୍ରଣ ନାହିଁ ଆଜି ସମୟରେ ! ଯେତେ ଚାହିଁଲେ ରୋଜଗାର କରିହେବ ! ଜଣେ ବ୍ୟକ୍ତି କେତେ ରୋଜଗାର କରିବ, କରିବା କଥା ତାହାର କୌଣସି ମାପ କିମ୍ବା ନିୟନ୍ତ୍ରଣ ସୀମା ରେଖା ନାହିଁ ଆମ ସମାଜରେ । ଜଣେ ମଣିଷ ନିଜର ବ୍ୟବହାର ବହିର୍ଭୁତ ଟଙ୍କା ରୋଜଗାର କରି ସଂଚୟ କରିବ, ଆଉ ଜଣଙ୍କ ପାଖରେ କିଛି ନଥିବ, ଏହାର ମର୍ମ କ'ଣ କେହି ହୁଏତ ବୁଝନ୍ତି ନାହିଁ ।

ଠକି, ଭଣ୍ଡି, ଚୋରି କରି, ଲାଞ୍ଚ ନେଇ, ମିଛ କହି, ଅନୈତିକ କାର୍ଯ୍ୟ କରି କିମ୍ବା ଅନ୍ୟାନ୍ୟ ଯେକୌଣସି ଉପାୟରେ ଅଧିକରୁ ଅଧିକ ଅର୍ଥ ଉପାର୍ଜନ କରିବା ଲକ୍ଷ ପ୍ରାୟତଃ ସମସ୍ତଙ୍କର ଦେଖିବାକୁ ମିଳୁଛି ଆଜି ସମୟରେ । ଟଙ୍କାର ମହତ୍ୱ ଏକ ଭିନ୍ନ ରୂପରେ ସର୍ବ ଗ୍ରହିତ ଆଜିର ଏହି ଅତ୍ୟାଧୁନିକ ମଣିଷ ପାଖରେ । ଟଙ୍କାର ଅର୍ଥ କ'ଣ ଏବଂ ତା'ର ମୂଲ୍ୟ କେତେ ହୁଏତ କାହାକୁ ବୁଝୁନଥିବା ବେଳେ ତା'ର ସଂଖ୍ୟା ଗଣନାଙ୍କ ଉପରେ ସମ୍ପୂର୍ଣ୍ଣ ଜ୍ଞାନ ରହିଥାଏ ସମସ୍ତଙ୍କର । ଟଙ୍କାର ପ୍ରକୃତ ଉପଯୋଗିତା ବିଷୟ ପଚାରିଲେ ହୁଏତ ୯୯ ପାରି ନିର୍ବାକ ରହିବେ ବୋଲି ଆମର ଅନୁମାନ, କି'ନ୍ତୁ ଟଙ୍କାକୁ ସଂଚୟ କରିବା ବିଷୟ ବାଲୁତ ଠାରୁ ବୃଦ୍ଧ ପର୍ଯ୍ୟନ୍ତ କାହାକୁ ଅଗୋଚର ନୁହେଁ । ଟଙ୍କାର ବ୍ୟବହାର ବୟଷାନୁସାରେ ହେଉଥିବା ବେଳେ ନିର୍ବୋଧ ଯେଉଁଭଳି ବ୍ୟବହାର କରିଥା'ନ୍ତି ତାହା ସମୀକ୍ଷା କରିବା କଠିନ । ଟଙ୍କାର ଉତ୍ପତ୍ତି କେଉଁଠାରୁ ଏବଂ ତାହାର ବ୍ୟବହାରିକ ସୀମା ଉପରେ ହୁଏତ କାହାର ଜ୍ଞାନ ନଥିବା ଅନୁମାନ ହୁଏ ଆମର । ଟଙ୍କା ଆଜି ସମୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି ପ୍ରଦର୍ଶିତ ସର୍ବଦିଗ ସୁରକ୍ଷକ ଭାବେ ସମସ୍ତେ ମାନ୍ୟତା ରଖିଥିବା ସ୍ୱୀକାର୍ଯ୍ୟ । ହେଲେ ବାସ୍ତବିକ ଟଙ୍କା ପଛରେ ରହିଥିବା ପ୍ରକୃତ ରହସ୍ୟ କ'ଣ ଟିକେ ବିଚାର କରି ଦେଖିବା ।

ପ୍ରାଚୀନ ଭାରତରେ ଅନୁନ୍ନତ ଅବସ୍ଥାରେ ବଂଚୁଥିବା ମଣିଷଙ୍କ ମଧ୍ୟରେ ଯେଉଁ ଆଦାନ ପ୍ରଦାନ ହେଉଥିଲା, କିମ୍ବା ବଦଳ ଭିତ୍ତିରେ ସାମାଜିକ ଜୀବନଯାପନ କରାଯାଉଥିଲା ସେ ବିଷୟରେ ସମସ୍ତଙ୍କ ଜ୍ଞାନ ଅଳ୍ପ ବହୁତ ଥିବ ନିଶ୍ଚୟ । ସେତେବେଳେ କିଏ କାହାକୁ କୌଣସି ନିର୍ଦ୍ଦିଷ୍ଟ ମୂଲ୍ୟାଙ୍କନ କରି ଦେଣ ନେଣ ହେଉନଥିଲା । ଆନୁମାନିକ ମୂଲ୍ୟ ଧାର୍ଯ୍ୟ କରି ଅଦଳ ବଦଳ ନୀତିରେ ବିଭିନ୍ନ ଦ୍ରବ୍ୟ ହସ୍ତାନ୍ତରିତ କରି ବଂଚୁଥିଲେ ସମସ୍ତେ । ସମସ୍ତେ ପ୍ରାୟତଃ ପରିଶ୍ରମ କରି ନିଜ ପାଇଁ ଏବଂ ସମାଜ ପାଇଁ ପ୍ରାକୃତିକ ଉପାୟରେ ଖାଦ୍ୟ ଶସ୍ୟ ଠାରୁ ଆରମ୍ଭ କରି ବସ୍ତ୍ର, ବାସଗୃହ ପର୍ଯ୍ୟନ୍ତ ବିଭିନ୍ନ ଉତ୍ପାଦନ କରି ଚାଲୁଥିଲା ସମାଜ । କାଳକ୍ରମେ ଦ୍ରବ୍ୟ ଅଦଳ ବଦଳକୁ ସରଳୀକୃତ କରିବା ପାଇଁ ଆରମ୍ଭ ହେଲା ବିଭିନ୍ନ ଧାତବ ଖଣ୍ଡର ବିନିମୟ, କଣା ପଇସା ଇତ୍ୟାଦି । କାଳକ୍ରମେ ସେହି ଧାତବ ଖଣ୍ଡର ବିନିମୟର ରୂପାନ୍ତରିତ ଚେହେରା ଆଜିର ଟଙ୍କାର ପରିଚୟ ସମସ୍ତେ ଅନୁଭବ କରୁଛନ୍ତି । ଟଙ୍କାକୁ ସମାଜରେ ଏମିତି ବ୍ୟବହାର କରାଗଲା ଯାହା ଫଳରେ ରାଷ୍ଟ୍ରର ସୁଦୂର ସ୍ଥାନରୁ କୌଣସି ଦ୍ରବ୍ୟ ପ୍ରାପ୍ତି ପାଇଁ କେବଳ ଏହି କ୍ଷୀଣ କାଗଜ ଖଣ୍ଡର କିଛି ସମାହାର ଯଥେଷ୍ଟ ହୋଇ ପାରିଲା । ସମୟାନୁସାରେ ମଣିଷ ଟଙ୍କାକୁ ଜୀବନର ସର୍ବେସର୍ବା ଭାବେ ଗ୍ରହଣ କରିବାକୁ ଲାଗିଲା । ଦେଖାଗଲା ଯେ ଟଙ୍କା ଥିଲେ ଦୁନିଆରେ ସବୁକିଛି ମିଳି ପାରୁଛି ଏବଂ ସମ୍ଭବ ହୋଇ ପାରୁଛି । ଟଙ୍କାକୁ ଅକ୍ତିଆର କରି ରଖିଲେ ଯେତେବେଳେ ଯାହା ଚାହିଁଲେ କରି ହେଉଛି । ତେଣୁ ଟଙ୍କାକୁ ଜୀବନର ଏକ ଅମୋଘ ଅସ୍ତ୍ର ଭଳି ବ୍ୟବହାର କରିବାକୁ ଲାଗିଲା ମଣିଷ । ସମୟାନୁସାରେ ଟଙ୍କା ପ୍ରତି ମଣିଷ ମନରେ ଏତେ ଦୁର୍ବଳତା ସୃଷ୍ଟି ହେଲେଯେ ବର୍ତ୍ତମାନ ସମୟରେ ଟଙ୍କା ପାଇଁ କ'ଣ କ'ଣ ସବୁ ହେଉଛି ଅବର୍ଣ୍ଣନୀୟ ଯାହା ସମସ୍ତଙ୍କୁ ଜଣା, ଏବଂ ତାହାର କୌଣସି ବିସ୍ତୃତ ବ୍ୟାଖ୍ୟା କରିବା ଆବଶ୍ୟକତା ନଥିବା ମନେହୁଏ ଆମର । ହେଲେ ମଣିଷ ମନରେ ଟଙ୍କା ପ୍ରତି ରହିଥିବା ପ୍ରକାଣ୍ଡ ଦୁର୍ବଳତାର ବାସ୍ତବ ରୂପ ରେଖ କ'ଣ ଏବଂ ତାହାର ଉପସ୍ଥିତ ସମୟରେ ସାମାଜିକ ମାନ୍ୟତା ଏବଂ ଉପଯୋଗୀତା ତଥା ମଣିଷ ଜୀବନ ଚର୍ଯ୍ୟାରେ କାର୍ଯ୍ୟକାରିତା ବିଷୟ ଆଲୋଚନା କରିବା.....

ବର୍ତ୍ତମାନ ସମୟରେ ଟଙ୍କାକୁ ବ୍ୟକ୍ତିଗତ ସ୍ତରରୁ ଆରମ୍ଭ କରି ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମାନ୍ୟତାର ଶିର୍ଷକ୍ଷେତ୍ର ଭାବେ ସର୍ବ ଗ୍ରହିତ ହେଉଥିବା ଦେଖିବାକୁ ମିଳୁଛି । ଟଙ୍କା ବିନା ସାଧାରଣ ପରିବାର ଠାରୁ ଆରମ୍ଭ କରି ସାମାଜିକ ବ୍ୟବସ୍ଥା ପରିଚାଳନା ଅସମ୍ଭବ ବୋଲି ଅନୁଭବ ହେଉଛି ସମସ୍ତଙ୍କୁ । ଟଙ୍କାର ଆସନ ସର୍ବୋତ୍କୃଷ୍ଟ ରହିଥିବା ବେଳେ କେବଳ ଅତ୍ୟଧିକ ଟଙ୍କା ରୋଜଗାର କରୁଥିବା ଏବଂ ଗଚ୍ଛିତ ରଖିଥିବା ମଣିଷଙ୍କ ସାମାଜିକ ମାନ୍ୟତା ସର୍ବ ଶୀର୍ଷରେ ରହିଥିବା ସମସ୍ତେ ଅନୁଭବ କରୁଛନ୍ତି । ତେଣୁ ନିଜକୁ ସାମାଜିକ ଶୀର୍ଷ ସ୍ଥାନିତ କରିବା ଲକ୍ଷ ରଖି ଅଧିକରୁ ଅଧିକ ଟଙ୍କା ଆଦାୟ କରିବା ନିଶା ସମସ୍ତଙ୍କୁ ଘାରିଛି । କି'ନ୍ତୁ ବ୍ୟକ୍ତିଗତ କ୍ଷମତା ଅନୁଯାୟୀ ଅତ୍ୟଧିକ ଟଙ୍କା ଆଦାୟ ତଥା ଗଚ୍ଛିତ କଲା ପରେ କ'ଣ, ହୁଏତ କାହାକୁ ବୁଝୁନଥିବ । କାରଣ ନିଜ ବ୍ୟବହାର ପରବର୍ତ୍ତୀ ଅଧିକ ଟଙ୍କା କ'ଣ ହୁଏ ଏବଂ ତାହା ସେହି ମଣିଷର କି କାର୍ଯ୍ୟରେ ଲାଗିଥାଏ ସମୀକ୍ଷା, ବିଚାର ଶୂନ୍ୟ ମଣିଷଙ୍କ ଟଙ୍କା ପ୍ରତି ରହିଥିବା ପ୍ରଗାଢ଼ ଆଗ୍ରହର ଦୃଶ୍ୟପଟ ଭିନ୍ନ । ଉପସ୍ଥିତ ସମୟରେ ଟଙ୍କାକୁ କିଭଳି ବ୍ୟବହାର କରାଯାଉଅଛି ଏବଂ ସାଧାରଣ ମଣିଷଙ୍କ ଟଙ୍କା ପ୍ରତି ବ୍ୟବହାରିକ ମୂଲ୍ୟାୟନ ତଥା ସାମାଜିକ ସ୍ଥିତି କ'ଣ ସମ୍ପୂର୍ଣ୍ଣ ଭାବେ କାହାକୁ ଗୋଚର ନୁହେଁ । ଟଙ୍କାକୁ କେବଳ ଏକ ଅଲୌକିକ ଭାବେ ବ୍ୟବହାର କରିବା ଶିକ୍ଷା କରିଛି ମଣିଷ । ସେହି ଅଲୌକିକ ଭାବଧାରା ମଧ୍ୟରେ ତାହାର ବ୍ୟବହାର ଶୈଳୀ ଏବଂ ସଂରକ୍ଷଣ ଉପରେ କୌଣସି ଉପଯୁକ୍ତ ଜ୍ଞାନ ରହିତ ମଣିଷ ଯେ ଟଙ୍କା ଉପାର୍ଜନ କରିବାରେ ଦିବାନିଶି ନିଜକୁ ଜାଳି ଜାଳି ଶେଷରେ କ'ଣ କରୁଛି ତାହାର କୌଣସି ବିଚାର ନାହିଁ । କହିବାକୁ ଗଲେ ନିଜସ୍ୱ ବ୍ୟବହାର ବହିର୍ଭୁତ ଟଙ୍କା ଯେ କେବଳ ପର ପାଇଁ ବ୍ୟବହୃତ ହେଉଛି ଏକଥା ହୁଏତ କାହାକୁ ବୁଝୁନାହିଁ । ଚତୁର, ସାଧାରଣ ଲୋକଙ୍କ ଅତ୍ୟଧିକ ଉପାର୍ଜନକୁ ସାମାଜିକ କ୍ଷେତ୍ର ମାଧ୍ୟମରେ କେମିତି ଅକ୍ତିଆର କରି ଉପଭୋଗ କରିଚାଲିଛନ୍ତି ବିଚାରଶୂନ୍ୟ ସାଧାରଣ ମଣିଷଙ୍କ ଜୀବନ ସବୁବେଳେ ବ୍ୟଥିତ ଅବସ୍ଥାରେ ରହୁଥିବା ବୁଝନ୍ତି ନାହିଁ କେହି, ଏହି ଆମ ସମାଜର ଉପସ୍ଥିତ ଦୃଶ୍ୟ ।

ଟଙ୍କାର ନିୟନ୍ତ୍ରଣ ନାହିଁ ଆଜି ସମୟରେ ! ଯେତେ ଚାହିଁଲେ ରୋଜଗାର କରିହେବ ! ଜଣେ ବ୍ୟକ୍ତି କେତେ ରୋଜଗାର କରିବ, କରିବା କଥା ତାହାର କୌଣସି ମାପ କିମ୍ବା ନିୟନ୍ତ୍ରଣ ସୀମା ରେଖା ନାହିଁ ଆମ ସମାଜରେ । ଜଣେ ମଣିଷ ନିଜର ବ୍ୟବହାର ବହିର୍ଭୁତ ଟଙ୍କା ରୋଜଗାର କରି ସଂଚୟ କରିବ, ଆଉ ଜଣଙ୍କ ପାଖରେ କିଛି ନଥିବ, ଏହାର ମର୍ମ କ'ଣ କେହି ହୁଏତ ବୁଝନ୍ତି ନାହିଁ । ଯେଉଁ ମଣିଷଟି ଅମାପ ଟଙ୍କା ରୋଜଗାର କରୁଛି ତାହା ଆସୁଛି କେଉଁଠାରୁ ?! ଆଉ ଯିଏ ସାମାଜିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ନିଜ କର୍ତବ୍ୟନିଷ୍ଠତାକୁ ବିନିଯୋଗ କରି ନିଜକୁ ଯଥେଷ୍ଟ ହେବାଭଳି ମଧ୍ୟ ରୋଜଗାର କରି ପାରୁନାହିଁ ତା'ର ପାପର ପ୍ରାୟଶ୍ଚିତ ନା ଆଉ କଣ ? ସୀମାହୀନ ପ୍ରଶ୍ନ, ଉତ୍ତର ଶୂନ୍ୟ !

❤ସୋସିଆଲ ଫୋରମ
(ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ମୋ : ୯୪୩୭୩୨୪୯୧୭

ଜନାଦେଶ

ସୌଭାଗ୍ୟ ରଂଜନ ମହାନ୍ତି

ତିନୋଟି ଉତର-ପୂର୍ବାଚଂଳ ରାଜ୍ୟ ତ୍ରିପୁରା, ନାଗାଲାଣ୍ଡ ଏବଂ ମେଘାଳୟ ବିଧାନସଭା ନିର୍ବାଚନରେ ବିଜେପି ପୁନର୍ବାର କ୍ଷମତା ଦଖଲ କରିବା ଦଳର ନେତା ଓ କର୍ମୀଙ୍କ ପାଇଁ ଉତ୍ସାହ ଆଣି ଦେଇଛି । ଏଥିରେ ସନ୍ଦେହ ନାହିଁ । ମାତ୍ର ୫ଟି ରାଜ୍ୟର ୬ଟି ବିଧାନସଭା ଆସନରେ ଉପ-ନିର୍ବାଚନ ଫଳାଫଳ ବିଜେପି ପାଇଁ ନିରୁତ୍ସାହଜନକ ଏବଂ ଏକ ସତର୍କ ଘଂଟି ସଦୃଶ ହୋଇଛି । ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ, ତିନି ଉତରା-ପୂର୍ବାଚଂଳ ରାଜ୍ୟରେ ଆଂଚଳିକ ଦଳ ଗୁଡିକର ପ୍ରଭାବକୁ ଅସ୍ୱୀକାର କରାଯାଇପାରିବ ନାହିଁ । କହିବା ବାହୁଲ୍ୟ ଯେ, ଏହି ତିନି ରାଜ୍ୟରେ ସରକାରୀ ବିରୋଧି ହାୱାରୁ ଫାଇଦା ଉଠାଇବାକୁ କଂଗ୍ରେସ ପୁଣି ଥରେ ଅସମର୍ଥ ହୋଇଛି । ତ୍ରିପୁରା, ମେଘାଳୟ ଏବଂ ନାଗାଲାଣ୍ଡରେ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ରମାଗତ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହୋଇଛି ସତ, କିନ୍ତୁ ବିଜେପି ଯେ, କଡା ମୁକାବିଲାର ସମ୍ମୁଖୀନ ହୋଇଛି । ଏହାକୁ ଅସ୍ୱୀକାର କରାଯାଇନପାରେ । ତ୍ରିପୁରାରେ ବିଜେପି ଏବଂ ଏହାର ସହଯୋଗୀ ଇଣ୍ଡିଜେନସ୍ ପିପୁଲସ୍ ଫ୍ରଂଟ ତ୍ରିପୁରା(ଆଇପିଏଫଟି) ୬୦ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୩୩ଟି ଆସନ ଅକ୍ତିଆର କରିଛି । ଯାହାକି ଗତ ୨୦୧୮ ନିର୍ବାଚନ ତୁଳନାରେ ୯ଟି ଆସନ କମ ଥିବାବେଳେ ମ୍ୟାଜିକ ଅଙ୍କଠାରୁ ମାତ୍ର ୨ଟି ଆସନ ଅଧିକ । ସହଯୋଗୀ ଆଇପିଏଫଟି ଗତ ୨୦୧୮ ନିର୍ବାଚନ ୮ଟି ଆସନ ଅକ୍ତିଆର କରିଥିବାବେଳେ ଏଥର ଆସନ ସଂଖ୍ୟା ମାତ୍ର ୧କୁ ଖସି ଆସିଛି । କେବଳ ଏତିକି ନୁହେଁ, ବିଜେପି ମେଂଟ, ଆଦିବାସୀ ଭୋଟ ଆଶାତୀତ ଭାବେ ହରାଇଛି । ନବ ଗଠିତ ଏବଂ ପ୍ରଥମ ଥର ପାଇଁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ତିପ୍ରା ମୋଥା ଦଳ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ନିଜର ପ୍ରଭାବ ଜାହିର କରି ୧୩ଟି ଆସନରେ ବିଜୟୀ ହୋଇଛି । ତିପ୍ରା ମୋଥା ବିଧାନସଭା ମୁଖ୍ୟ ବିରୋଧି ଦଳର ମାନ୍ୟତା ପ୍ରାପ୍ତ ହେବା ପଥ ପରିଷ୍କାର ରହିଛି । ସେହିପରି ବାମପନ୍ଥୀ କଂଗ୍ରେସ ମେଂଟ ୧୪ଟି ଆସନ ହାସଲ କରିଛି । ବାମପନ୍ଥୀ ଆସନ ସଂଖ୍ୟା ଗତ ନିର୍ବାଚନ ତୁଳନାରେ ୧୬ରୁ ୧୧ କୁ ଖସି ଆସିଥିବା ସମୟରେ କଂଗ୍ରେସ ବିଧାନସଭାରେ ନିଜର ଉପସ୍ଥିତି ଜାହିର କରିବାକୁ ସମର୍ଥ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ନିର୍ବାଚନରେ କଂଗ୍ରେସ ଖାତା ଖୋଲିବାକୁ ସମର୍ଥ ହୋଇନଥିଲେ । ବିଜେପିର ତ୍ରିପୁରା ବିଜୟ ପଛରେ ରାଜ୍ୟର ଗରିବ, ଅସହାୟ ପରିବାରକୁ ମାସିକ ୨୦୦୦ଟଙ୍କା ଭତା, ୧.୬ ଲକ୍ଷ ଗରିବ ପରିବାକରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯ

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫
ଶୁକ୍ରବାର, ୧୦ ମାର୍ଚ୍ଚ ୨୦୨୩

୮ଟି ଆଞ୍ଚଳିକ ଭାଷାରେ ନିର୍ମାଣ ହେଉଛି ଓଡ଼ିଆ ଚଳଚ୍ଚିତ୍ର 'ଓଏ ଅଞ୍ଜଳି'

ଆଉ ଏକ ରେକର୍ଡ କରିବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର । ଗତ ବର୍ଷ ରିଲିଜ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ଓଏ ଅଞ୍ଜଳି' ଏବେ ହିନ୍ଦୀ ବ୍ୟତୀତ ତାମିଲ, ତେଲୁଗୁ, କନ୍ନଡ଼, ମାଲୟାଲମ୍, ଗୁଜୁରାଟୀ, ମରାଠୀ, ପଞ୍ଜାବୀ, ବେଙ୍ଗଲୀ ଭାଷାରେ ଡବ୍ ହେଉଛି । ଏହି ଚଳଚ୍ଚିତ୍ରଟିକୁ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ ପ୍ରଯୋଜନା କରୁଛି । ଦଶଟି ଭାଷାରେ ଡବିଂ ହେଉଥିବା ଏହା ହେଉଛି ଦ୍ୱିତୀୟ ଚଳଚ୍ଚିତ୍ର । ଏହା ପୂର୍ବରୁ ପନ୍ଦରଟି ଭାଷାରେ ଡବିଂ ହେଇଥିଲା ଚଳଚ୍ଚିତ୍ର 'ଜୟ ଜଗନ୍ନାଥ' ।

ଏହା ଏକ ରୋମାଣ୍ଟିକ୍ ଥ୍ରିଲର ଡ୍ରାମା । ଓଡ଼ିଶାର ଦୁଇ ଯୁବକ ରାଜ ଓ ଆକାଶ ଜଣେ ଯୁବତୀ ଅଞ୍ଜଳିଙ୍କ ପ୍ରେମରେ ପଡୁଛନ୍ତି । କିଏ ହେବ ଅଞ୍ଜଳିର ଏହା ବଡ଼ ଜଟିଳ ପ୍ରଶ୍ନ । ଏଥିପାଇଁ ଦୁଇ ଯୁବକଙ୍କୁ ବହୁତ କିଛି ହରାଇବାକୁ ପଡ଼ିଛି । ପ୍ରେମର ଏକ ଅଜବ ଓ ଅଭାବନୀୟ ପରିସ୍ଥିତିରେ ରାଜ ନା ଆକାଶ କିଏ ବାଜି ଜିତୁଛି, ଏ ନେଇ ଚଳଚ୍ଚିତ୍ର 'ଓଏ ଅଞ୍ଜଳି'ରେ ଏକ ରୋମାଞ୍ଚକ ଓ ରହସ୍ୟମୟ ପରିସ୍ଥିତି ଦେଖିବାକୁ ମିଳିବ । ଏଇ ଚଳଚ୍ଚିତ୍ରକୁ ସୁଦୃଶ୍ୟ ଓ ଜୀବନ୍ତ କରିବା ପାଇଁ ଏହାର ଅନେକାଂଶ ଦୃଶ୍ୟ ଉତ୍ତରାଖଣ୍ଡର ବିଭିନ୍ନ ସୌନ୍ଦର୍ଯ୍ୟମୟ ସ୍ଥାନରେ ଚିତ୍ରୋତ୍ତୋଳନ କରାଯାଇଛି । ନିର୍ଦ୍ଦେଶକ ରମାଶଙ୍କର ଏହି ଚଳଚ୍ଚିତ୍ରଟିକୁ ରୋଚକ ଓ ମନୋରଂଜକ କରିବାକୁ ଯଥେଷ୍ଟ ପ୍ରୟାସ କରିଛନ୍ତି । ଏହାର ସଂଳାପ, ସଙ୍ଗୀତ, ଚିତ୍ରୋତ୍ତୋଳନ, ସମ୍ପାଦନା; କେଉଁଥିରେ ବି ସେ ସାଲିସ କରିନାହାଁନ୍ତି । ମୁମ୍ବାଇ, ପଞ୍ଜାବ, ଉତ୍ତରପ୍ରଦେଶ, ଚେନ୍ନାଇ ଏବଂ ଓଡ଼ିଶାର ଟେକ୍‌ନିସିଆନ୍‌ମାନେ ମିଳିତ ଭାବେ କାମ କରିଛନ୍ତି ।

ଏଥିରେ ଅଭିନେତା ସ୍ୱରାଜ, ଶ୍ରେୟାନ୍ ଓ ଅଭିନେତ୍ରୀ ମାନବୀ ପଟେଲ୍ ଅଛନ୍ତି । 'ଓଏ ଅଞ୍ଜଳି'ରେ କାହାଣୀ ପରିକଳ୍ପନା ସହ ନିର୍ଦ୍ଦେଶନା ଦେଇଛନ୍ତି ରମାଶଙ୍କର ଏବଂ ପ୍ରଯୋଜନା କରିଛନ୍ତି ସୁମନ ବର୍ମା । କ୍ରିଏଟିଭ୍ ଡାଇରେକ୍ଟନ୍ ସହ ସଂଳାପ ରଚନା କରିଛନ୍ତି ଦେବାଶିଷ ଓ ଅଶ୍ୱିନୀ ଗଡ଼ନାୟକ । ଗୀତ ରଚନା କରିଛନ୍ତି ବସନ୍ତରାଜ ସାମଲ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ୍ ଆନନ୍ଦ । ଫାଇଟ୍ ନିର୍ଦ୍ଦେଶନାରେ ଅଛନ୍ତି ଜୁଡୋରାମୁ ।

ୟୁଟ୍ୟୁବରଙ୍କୁ ଲାଗିଲା ଝଟକା

ଏକ ମହିଳା ୟୁଟ୍ୟୁବରଙ୍କୁ ଏକ ଶକ୍ତ ଝଟକା ଲାଗିବା କଥା ସାମ୍ନାକୁ ଆସିଛି । ସେ ଯେତେବେଳେ ନିଜକୁ ଡେଟିଂ ଆପରେ ଦେଖିଲେ ସେ ଆଶ୍ଚର୍ଯ୍ୟ ହୋଇଗଲେ । ଫୋକସ ୟୁଟ୍ୟୁବର କୁଶା କପିଲ କହିଛନ୍ତି ଯେ, ଏକ ଡେଟିଂ ଆପରେ ତାଙ୍କର ୫ଟି ଫଟୋ ସହିତ ଏକ ନକଲି ଆକାଉଣ୍ଟ କ୍ରିଏଟ୍ କରାଯାଇଛି ।

ୟୁଟ୍ୟୁବରେ କୁଶା କପିଲ୍ ଷ୍ଟାଣ୍ଡ ଅପ କମେଡି ପାଇଁ ଲୋକପ୍ରିୟ । କୁଶା କପିଲ ଟ୍ୱିଟରରେ ଏହି ମାମଲାର ସୂଚନା କରି କହିଛନ୍ତି ଯେ, କେହି ଜଣେ ମୋ ଫଟୋ ନେଇ ଡେଟିଂ ଆପରେ ଏକ ଆକାଉଣ୍ଟ ଖୋଲିଛି । ସେହି ଆକାଉଣ୍ଟର ନାମ ସନା ଲେଖାହୋଇଛି ଏବଂ ବୟସ ୩୩ ପଡିଛି । ଏହାସହ ତାଙ୍କ ଆଡ୍ରେସ ପଞ୍ଜାବର ହରିୟାରପୁର ଷ୍ଟେଟ ଦିଆଯାଇଛି । ସେ ଏହି ଫେକ୍ ଆକାଉଣ୍ଟର ସ୍କ୍ରିନ ସଟ ନେଇ ଅନେକ ପ୍ରଶ୍ନ କରି ଟ୍ୱିଟ କରିଛନ୍ତି ।

କୁଶା କପିଲ ଏହାକୁ ନେଇ ବହୁତ ଟ୍ୱିଟ୍ କରିଛନ୍ତି । ସେ ଲେଖିଛନ୍ତି ଯେ, ଏହି ପ୍ରୋଫାଇଲର ରିପୋର୍ଟ କରନ୍ତୁ । ଟ୍ୱିଟରରେ ଅନେକ ଲୋକେ କୁଶା କପିଲ୍‌ଙ୍କୁ ସପୋର୍ଟ କରିଛନ୍ତି । ସେମାନେ କହିଛନ୍ତି ଯେ, ଆଇଟି ଆକ୍ଟ ଅନୁସାରେ ଏହି ବ୍ୟକ୍ତିକୁ ଆପଣ ରିପୋର୍ଟ କରି ପାରିବେ ।

ଭଣଜା କୃଷ୍ଣା ଗୋବିନ୍ଦାଙ୍କ ବିଷୟରେ କହିଥିବା ଏହି ମିଛକୁ ନେଇ ରାଗିଲେ ପତ୍ନୀ ସୁନିତା

ବଲିଉଡ୍ ଅଭିନେତା ଗୋବିନ୍ଦା ଓ ତାଙ୍କ ଭଣଜା କୃଷ୍ଣା ଅଭିଷେକଙ୍କ ମଧ୍ୟରେ ଲାଗିରହିଥିବା ବାଦବିବାଦ ସଂପର୍କରେ ସମସ୍ତଙ୍କୁ ଜଣା । ଦୁହିଁଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଚାଲିଛି । ଅନେକ ସମୟରେ କୃଷ୍ଣା ଅଭିଷେକ ନିଜ ମାମୁ ଗୋବିନ୍ଦାଙ୍କ ବିଷୟରେ ଖୁଲମଖୁଲା କଥା ହେଉଥିବାର ବି ଶୁଣିବାକୁ ମିଳିଥାଏ । କୃଷ୍ଣା ଏବଂ ତାଙ୍କ ଭଉଣୀ ଆରତୀ ସିଂହ ଏକ ପୁରୁଣା ସାକ୍ଷାତ୍‌କାରରେ କହିଥିଲେ ଯେ ଅସୁବିଧା ସମୟରେ ଗୋବିନ୍ଦା ସେମାନଙ୍କୁ ସାହାଯ୍ୟ କରିଥିଲେ । ଏପରିକି ସେ ପ୍ରତିମାସରେ ଭାଇଭଉଣୀଙ୍କୁ ୨୦୦୦ ଟଙ୍କା ଦେଉଥିଲେ ।ମାତ୍ର ସେମାନଙ୍କର ଏହି କଥା ଏବେ ଗୋବିନ୍ଦା ଓ ତାଙ୍କ ପତ୍ନୀ ସୁନିତାଙ୍କୁ ପସନ୍ଦ ଆସିନାହିଁ । ଦମ୍ପତି ଏବେ ଏହି କଥା ଉପରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ନିକଟରେ ସୁନିତା ଆହୁଜା ଏକ ସାକ୍ଷାତ୍‌କାରରେ କହିଥିଲେ ଯେ 'ମୁଁ ଏହି କଥାରେ ଏକଦମ ବିବ୍ରତ ହୋଇ ପଡୁଛି' । ଅନ୍ୟପକ୍ଷରେ ଗୋବିନ୍ଦାଙ୍କୁ ବି କହୁଥିବାର ଶୁଣିବାକୁ ମିଳିଥିଲା ଯେ 'ମୁଁ ପରିବାରର କଥା ଏପରି ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହୁଁନାହିଁ' । ଗୋବିନ୍ଦାଙ୍କ ପତ୍ନୀ ସୁନିତା ନିଜର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ 'ମୋତେ ଦୟାକରି ସେମାନଙ୍କ ବିଷୟରେ ପଚାରନ୍ତୁନି । ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ଆମେ ମାସକୁ ସେମାନଙ୍କୁ କେବଳ ୨୦୦୦ ଟଙ୍କା ଦେଉଥିଲୁ ବୋଲି ସେ କହିଛନ୍ତି । ମୁଁ ସେମାନଙ୍କ ବିଷୟରେ କିଛି ବି କହିବାକୁ ଚାହୁଁନି । ମାତ୍ର ଜାଣନ୍ତୁ ଯେ ସେମାନେ ଯାହା କହିଛନ୍ତି ମିଛ କହିଛନ୍ତି । ମୁଁ ଏବେ ପଶ୍ଚାତାପ କରୁଛି ଯେ କାହିଁକି ପିଲାଦିନେ ସେମାନଙ୍କ ଦେଖାଶୁଣା କଲି ବୋଲି ।'

ରଜନୀକାନ୍ତ ବଖାଣିଲେ ଜୀବନର ଗୋପନ କଥା: ଶ୍ରେୟ ଦେଲେ ପତ୍ନୀଙ୍କୁ

ଯୁବ ବୟସରେ କୁଆଡ଼େ ସିଗାରେଟ୍, ୱାଇନ୍ ଓ ମାଂସ ପ୍ରଚୁର ଖାଉଥିଲେ ଅଭିନେତା ରଜନୀକାନ୍ତ । ଏଥିରୁ ନିବୃତ୍ତ ହେବାକୁ ତାଙ୍କ ପତ୍ନୀ ଲତା ବହୁବାର ଚେଷ୍ଟା କରିଥିଲେ । ତାଙ୍କୁ ପରାମର୍ଶ ଦେବା ସହ ଡାକ୍ତରଙ୍କ ପାଖକୁ ?ନେଇ ଚିକିତ୍ସିତ କରାଇଥିଲେ । ଶେଷରେ ଲତା ରଜନୀକାନ୍ତଙ୍କୁ ବାଟକୁ ଆଣିବାରେ ସଫଳ ହେଲେ । ସେ ବସ୍‌ରେ କଣ୍ଡକ୍ଟର ଥିବାବେଳେ କିଛି ଖରାପ ସାଙ୍ଗମାନଙ୍କ ସହ ମିଶି ଏଭଳି ବଦଭ୍ୟାସ କରିଥିଲେ । ଦିନକୁ ଦୁଇଥର ମଟନ୍ ନ ଖାଇଲେ ତାଙ୍କ ମନ ବୁଝୁ ନ ଥିଲା । ଏହାଛଡ଼ା ଦିନକୁ କେତେଥର ମଦ ପିଉଥିଲେ ଏବଂ କେତେ ସିଗାରେଟ୍ ଟାଣୁଥିଲେ ତା'ର ହିସାବ ନ ଥିଲା । ବିଭିନ୍ନ ମାଦକ ଦ୍ରବ୍ୟର କବଳରେ ପଡ଼ି ସେ ବିପଥଗାମୀ ହୋଇଥିଲେ, ମାତ୍ର ପତ୍ନୀ ଲତା ତାଙ୍କୁ ଏଥିରୁ ବହୁ ଉଦ୍ୟମ କରି ବାଟକୁ ଆଣିଥିଲେ । କେବଳ ସେତିକି ନୁହେଁ, ଲତା ତାଙ୍କୁ ଏତେ ଭଲ ପାଇବା ଦେଇଥିଲେ ଯେ ରଜନୀକାନ୍ତ ସେଥିରେ ସନ୍ତୋଷିତ ହୋଇ ଏଭଳି ବଦଭ୍ୟାସରୁ ନିବୃତ୍ତ ହୋଇଥିଲେ । ଏଥିପାଇଁ ରଜନୀକାନ୍ତ ମଧ୍ୟ ନିଜ ସହଧର୍ମିଣୀଙ୍କୁ କୃତଜ୍ଞତା ଜଣାଇଥିଲେ ।

ମଞ୍ଚରେ ଏକାଠି ନଜର ଆସିଲେ ନିକ୍-ପ୍ରିୟଙ୍କା

ପ୍ରେକ୍ଷାଳୟରେ ସିନା ପ୍ରିୟଙ୍କାଙ୍କ ସିନେମା ଆଉ ପ୍ରଚ୍ଛଦପଟରେ ଗୀତ, ସଙ୍ଗୀତ, ଉପସ୍ଥାପନା ଓ ଅଭିନୟ ଦେଖିବାକୁ ମିଳୁଥିଲା ନିକ୍ ଜୋନାସ୍‌ଙ୍କର, ହେଲେ ଗୋଟିଏ ମଞ୍ଚରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳି ନ ଥିଲା । ପପ୍ ସିଙ୍ଗର ନିକ୍ ଜୋନାସ୍ ଏଥର ନିଜ ସହଧର୍ମିଣୀଙ୍କ ସହ ଗୋଟିଏ ମଞ୍ଚରେ ଉଭା ହେଇଛନ୍ତି । ଅବସର ଥିଲା 'ଭାଲେଣ୍ଟାଇନ୍ ଡେ' । ଏକ ମ୍ୟୁଜିକାଲ୍ କନ୍‌ସର୍ଟରେ ଏ ଦୁହେଁ ଗୋଟିଏ ମଞ୍ଚରେ ଏକାଠି ହେଇଥିଲେ । ପୂରା ତିନିଦିନ ପାଇଁ ପ୍ରିୟଙ୍କା ପତି ଜୋନାସ୍‌ଙ୍କ ସହ ସହଯୋଗ କରିଥିଲେ । କେବଳ ଗୀତ କି ଉପସ୍ଥାପନା ନୁହେଁ ନିକ୍‌ଙ୍କ ସହ ପ୍ରିୟଙ୍କା ମଧ୍ୟ ନୃତ୍ୟାଭିନୟ କରିଥିଲେ । ଲାଗୁଥିଲା ପ୍ରିୟଙ୍କା ଯେମିତି ନିଜ ସ୍ୱାମୀଙ୍କୁ ଅଧିକରୁ ଅଧିକ ପ୍ରୋମୋଟ୍ କରୁଥିଲେ ।

ଯେଉଁ ମ୍ୟୁଜିକାଲ୍ କନ୍‌ସର୍ଟରେ ଏ ଦୁହେଁ ଏକାଠି ହେଇଥିଲେ, ତାହାର ଶୀର୍ଷକ ଥିଲା 'ଭେଗାସ୍ କନ୍‌ସର୍ଟ' । ଏହା ପ୍ରିୟଙ୍କା ଓ ନିକ୍‌ଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା । ଏହାର କ୍ୟାପ୍‌ସନ୍ ଥିଲା 'ଭେଗାସ୍ ଉଇଥ୍ ୟୁ ଲେସ୍‌ଦେନ୍ ୩' । ମଞ୍ଚ ତଳେ ବସିଥିବା ଶ୍ରୋତା ଦର୍ଶକ ପ୍ରିୟଙ୍କା ଓ ନିକ୍‌ଙ୍କୁ ଏକାଠି ଦେଖି ଯେତିକି ଉତ୍ସାହିତ ହେଉଥିଲେ, ସେତିକି ମଧ୍ୟ ଉପଭୋଗ କରୁଥିଲେ । ପ୍ରଶଂସକମାନେ ତାଳି ମାରି କହୁଥିଲେ, 'ପ୍ରିୟଙ୍କା ଓ ନିକ୍ ବିଶ୍ୱର ସବୁଠୁ ଗ୍ଲାମରସ୍ କପଲ୍' । ଏହି ମଞ୍ଚ କାର୍ଯ୍ୟକ୍ରମଟି ଆମାଜନ୍ ଭିଡିଓରେ ମଧ୍ୟ ପୋଷ୍ଟିଂ ହେଇ ବିଭିନ୍ନ ଭାଷାରେ ସର୍ବସାଧାରଣ ଦର୍ଶକଙ୍କୁ ଦେଖିବାକୁ ମିଳିଛି । ଏବେ ପ୍ରିୟଙ୍କା ହଲିଉଡ୍ ମୁଭି 'ଲଭ୍ ଉଇଥ୍ ସାମ୍ ହେଉଗେହନ୍' ଏବଂ ବଲିଉଡ୍ ଫିଲ୍ମ 'ଜି ଲେ ଜାରା'ରେ ଅଭିନୟ କରୁଛନ୍ତି ।

ସାରା ନୁହନ୍ତି, ଏହି ଅଭିନେତ୍ରୀ ହେଉଛନ୍ତି ଶୁବମନଙ୍କ କ୍ରସ୍



ବଲିଉଡ ସୁନ୍ଦରୀ ତଥା ଚୁଲବୁଲି ଅଭିନେତ୍ରୀ ସାରା ଅଲ୍ଲୀ ଖାନଙ୍କୁ କିଏ ବା ଗାର୍ଲଫ୍ରେଣ୍ଡ କରିବାକୁ ପସନ୍ଦ ନ କରିବ । ଭାରତୀୟ କ୍ରିକେଟର ଶୁବମନ ଗିଲ୍‌ଙ୍କ ପାଇଁ ସାରାଙ୍କ ହୃଦୟ ଧକ୍ ଧକ୍ ହେଉଥିବା ବେଳେ ଶୁବମନଙ୍କ ମନ କିନ୍ତୁ ଆଉ କାହା ପାଖରେ ଲାଖି ଯାଇଛି । ସାରାଙ୍କ ପାଇଁ ନୁହେଁ, ଆଉ ଜଣେ ଅଭିନେତ୍ରୀଙ୍କ ପାଇଁ ଶୁବମନଙ୍କ ହାର୍ଟବିଟ୍ ବଢ଼ି ଯାଉଛି । ତେବେ ଏହି ଅଭିନେତ୍ରୀଜଣକ ହେଉଛନ୍ତି ସାଉଥ ସୁନ୍ଦରୀ ତଥା ପୁଷ୍ପା ଫେମ୍ ରଶ୍ମୀକା ମନ୍ଦାନା । ଦେଶର ନ୍ୟାସନାଲ କ୍ରସ୍ ରଶ୍ମୀକା ମନ୍ଦାନା ହେଉଛନ୍ତି ଶୁବମନଙ୍କ କ୍ରସ୍ ।

କିଛି ଦିନ ପୂର୍ବେ ଏକ ସାକ୍ଷାତକାରରେ କିଏ ଆପଣଙ୍କର କ୍ରସ୍ ବୋଲି ଶୁବମାନ ଗିଲଙ୍କୁ ପଚରାଯାଇଥିଲା । ପ୍ରଥମେ ଏହାର ଉତ୍ତର ନ ଦେଇ ଲାଜେଇ ଯାଇଥିଲେ ଶୁବମନ । ମାତ୍ର ପୁନର୍ବାର ଉକ୍ତ ପ୍ରଶ୍ନ ପଚରା ଯିବାରୁ ଉତ୍ତରରେ ରଶ୍ମୀକାଙ୍କ ନାଁ ଧରିଥିଲେ ଶୁବମନ । ଏନେଇ ରଶ୍ମୀକାଙ୍କ ପ୍ରତିକ୍ରିୟା ମିଳି ପାରିନି ।

ତେବେ ଶୁବମନଙ୍କ ଉତ୍ତର ଶୁଣି ସାରାଙ୍କ ହୃଦୟ ନିହାତି ଭାଙ୍ଗିଯିବ ବୋଲି ଫ୍ୟାନ୍ସ କହିଛନ୍ତି । କାରଣ କିଛି ଦିନ ହେବ ଶୁବମନ ଓ ସାରାଙ୍କ ଡେଟିଂ ଖବର ବି-ଟାଉନ୍‌ରେ ହଟ୍ ଗସିପ ପାଲଟିଛି ।

ଏପରିକି ଉଭୟଙ୍କୁ ପୂର୍ବରୁ ସମାନ ଫ୍ଲାଇଟ ଓ ହୋଟେଲରେ ସ୍ପଟ କରାଯାଇଛି । ଏପରିକି ସାରାଙ୍କ ଫଟୋରେ ଶୁବମନ ବି ସବୁ ସମୟରେ କମେଣ୍ଟ କରୁଥିବା ନଜର ଆସିଥାଏ ।

ପୂର୍ବରୁ ଏକ କାର୍ଯ୍ୟକ୍ରମରେ ଶୁବମନଙ୍କୁ ବଲିଉଡର ଫିଟେଷ୍ଟ ଷ୍ଟାର କିଏ ବୋଲି ପଚରାଯିବାରୁ ସେ ସାରାଙ୍କ ନାଁ ଧରିଥିଲେ । । ଏହା ଶୁଣି ଆପଣ ତାଙ୍କୁ ଡେଟ୍ କରୁଛନ୍ତି କି ବୋଲି ଆଙ୍କର ପଚାରିଥିଲେ । ଶୁବମନ ଏହାର ସଫା ସଫା ଉତ୍ତର ନ ଦେଇ ବୁଲେଇ ବଙ୍କେଇ ଏହାର ଉତ୍ତର ଦେଇଥିଲେ । ଏପରିକି ଏହା ସମ୍ଭବ ହୋଇପାରେ ବୋଲି କହିଥିଲେ ।

ଡ୍ରେସଠାରୁ ଅଧିକ ମହଙ୍ଗା ଏମାନଙ୍କ ବ୍ୟାଗ୍ : ସାରାଠାରୁ କ୍ରିତି ପର୍ଯ୍ୟନ୍ତ Luxury Bags କଲେକ୍‌ସନ୍

ହ୍ୟାଣ୍ଡ ବ୍ୟାଗ୍ ବିନା ମହିଳାମାନେ ଅସମ୍ପୂର୍ଣ୍ଣ ଦେଖାଯାନ୍ତି । ପ୍ରତ୍ୟେକ ମହିଳାଙ୍କ ପାଇଁ ବ୍ୟାଗ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ ଯାହା ସେମାନଙ୍କର ଫ୍ୟାଶନ୍ ଲୁକ୍ କୁ ଆହୁରି ସୁନ୍ଦର କରାଏ । ଯେତେବେଳେ ବଲିଉଡ ସେଲିବ୍ରେଟମାନଙ୍କ କଥା ଆସେ, ସେତେବେଳେ ସେମାନଙ୍କର ଦାମୀ ହ୍ୟାଣ୍ଡବ୍ୟାଗ ଆଖି ସାମ୍ନାରେ ଆସେ, ଯାହାର ମୂଲ୍ୟ ଲକ୍ଷ ଲକ୍ଷ କୋଟି କୋଟି । ଆଜି ଆମେ ଆପଣଙ୍କୁ କ୍ରିତି ସାନନ୍ ଠାରୁ ଆରମ୍ଭ କରି ଜାନଭୀ କପୁର ପର୍ଯ୍ୟନ୍ତ,ସେମାନଙ୍କର କିଛି ଚମତ୍କାର ବ୍ୟାଗ୍ ବିଷୟରେ ଦେଖାଇବାକୁ ଯାଉଛୁ, ଯାହା ସେମାନଙ୍କ ସୌକ କେତେ ମହଙ୍ଗା ତାହା ଦେଖି ଅନୁମାନ କରାଯାଇପାରେ ।

ଜାନଭି କପୁର କାନଭାସ୍ ବ୍ୟାଗ୍

ଜାନଭି କପୁର ଯେଉଁ ବ୍ୟାଗ ଧରିଛନ୍ତି, ଯାହାର ମୂଲ୍ୟ ଏତେ ଯେ ଏହା ଏକ ଡିଜାଇନର୍ ଲେହେଙ୍ଗା କିଣିପାରେ । ଏହି ଗୋୟାର୍ଡ ବାଲଚା ଆବୃତ କାନଭାସ୍ ବ୍ୟାଗର ମୂଲ୍ୟ ୫୨ ହଜାର ବୋଲି କୁହାଯାଉଛି ।

କରୀନା କପୁରଙ୍କ ଦ୍ୱାରା ଇଟୁପ୍ ଟୋଗର୍ ହ୍ୟାଣ୍ଡବ୍ୟାଗ୍

କରୀନା କପୁର ଏକ ଧଳା ରଙ୍ଗର ଅନାରକଲୀ ସୁଟ ସହିତ ଏକ ବାଦାମୀ ରଙ୍ଗର ବ୍ୟାଗ ରେ ନଜର ଆସିଥିଲେ । ଟାନ୍ ହର୍ମେସ୍ ବିର୍କିନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଇଟୁପ୍ ଟୋଗର୍ ହ୍ୟାଣ୍ଡବ୍ୟାଗ୍ ଅଭିନେତ୍ରୀଙ୍କ ୨୦୨୦ ବର୍ଷର କଲେକସନ୍ ଏବଂ ଏହାର ମୂଲ୍ୟ ୪୩,୨୯୯ ଡଲାର ଅଟେ, ଯାହା ହେଉଛି ୩୨,୩୬,୦୦୦ ଟଙ୍କା ।

ଦୀପିକାଙ୍କ ଗୁଚି ବେଲ୍ଟ ବ୍ୟାଗ

ପ୍ରତ୍ୟେକ ଝିଅର ଗୁଚି ବ୍ୟାଗ ପାଇବାକୁ ସ୍ୱପ୍ନ ଥାଏ । ଦୀପିକାଙ୍କ ଏହି ଗୁଚି ବେଲ୍ଟ ବ୍ୟାଗର ମୂଲ୍ୟ ପ୍ରାୟ ୧.୨୦ ଲକ୍ଷ । ଦୀପିକା ଏହାକୁ ଅଣ୍ଟାରେ ବେଲ୍ଟ ପରି ପିନ୍ଧିଛନ୍ତି । ଆଜିକାଲି ବେଲ୍ଟ ବ୍ୟାଗଗୁଡ଼ିକ ଟ୍ରେଣ୍ଡରେ ଅଛି ।

କ୍ରିତି ସାନନ୍ ସୋଲଡର ବ୍ୟାଗ୍

ଦାମୀ ବ୍ୟାଗ ଧରିବାର ସୌକ ରଖନ୍ତି କ୍ରିତି ସାନନ୍ । ମିନି ଆକାରର ସୋଲଡର ବ୍ୟାଗ ଏଏ ସୁପ୍ରିମ କାନଭାସରୁ ତିଆରି ହୋଇଥିଲା । ନାଲି ଏବଂ ଧଳା ର ମିଶ୍ରଣ ମଧ୍ୟ ବ୍ୟାଗରେ ଯୋଗ କରାଯାଇଛି ।

କିଆରା ଆଡଭାନୀଙ୍କ ଟୋଟ୍ ବ୍ୟାଗ୍

କିଆରା ଆଡଭାନୀଙ୍କ ଗୁଚି ବ୍ରାଣ୍ଡର ଟୋଟ୍ ବ୍ୟାଗ୍ ମଧ୍ୟ ଲାଇମ୍ ଲାଇଟ୍ ରେ ଥିଲା, ଯାହାର ମୂଲ୍ୟ ୨,୯୨,୬୩୮ ବୋଲି କୁହାଯାଉଥିଲା । ଏହି ବ୍ୟାଗଟି ତାଙ୍କ ସରଳ ପୋଷାକକୁ ବହୁତ ଆକର୍ଷଣୀୟ କରିଥିଲା ।

ସାରାଙ୍କ ସ୍ଲିଙ୍ଗ୍ ବ୍ୟାଗ୍

ସାରା ଏକ ଧଳା ସୁଟ୍ ଏବଂ ମେଳ ଖାଉଥିବା ଜୋତା ସହିତ ଗୋଲାପୀ ରଙ୍ଗର ସ୍ଲିଙ୍ଗ୍ ବ୍ୟାଗ୍ ନେଇଥିଲେ । ଏହି ସ୍ଲିଙ୍ଗ୍ ବ୍ୟାଗ୍ 'Saint Laurents Pink Baby Lou mini bag' ବ୍ରାଣ୍ଡର ଅଟେ, ଯାହାର ମୂଲ୍ୟ ୯୮,୭୦୦ ଟଙ୍କା ଥିଲା ।

ମୌଳିକ ସୁବିଧାରୁ ବଞ୍ଚିତ ଡମୁଗୁଡ଼ା ଗ୍ରାମବାସୀ: ଗାଁକୁ ନାହିଁ ପକ୍କା ରାସ୍ତା, ବିଜୁଳି ଆଲୁଅ ସାତ ସପନ

ମୈଦଲପୁର, ୦୯/୦୩ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଗାଁକୁ ପକ୍କା ରାସ୍ତା ହୋଇପାରିନାହିଁ। ଫଳରେ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିଶେଷ କରି ରୋଗୀ ତଥା ଗର୍ଭବତୀ ଖଟିଆରେ ବୁହା ହେଉଛନ୍ତି। ଏଭଳି ଦୁର୍ବିସହ ଜୀବନ ବିତାଉଛନ୍ତି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ମାଝୀଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡମୁଗୁଡ଼ା ଗ୍ରାମବାସୀ।

ଡମୁଗୁଡ଼ା ଗ୍ରାମରେ ୨୦ ପରିବାରରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମବାସୀ ଜଙ୍ଗଲ ଜମିରେ ଚାଷ କରିବା ସହ ଜଙ୍ଗଲଜାତ ଦ୍ରବ୍ୟ ଆଣି ଗୁଜୁରାଣ ମେଣ୍ଟାଇଥାନ୍ତି। କିନ୍ତୁ ଗାଁକୁ ଯିବା ପାଇଁ ଶିରାଗୁଡ଼ାଠାରୁ ୪ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇନଥିବାରୁ ଗ୍ରାମବାସୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି। ରାସ୍ତା ନଥିବାରୁ ରୋଗୀ ତଥା ଗର୍ଭବତୀଙ୍କୁ ଖଟିଆରେ ଭାର କରି ୪ କିମି ଶିରାଗୁଡ଼ା ପର୍ଯ୍ୟନ୍ତ ବୋହି ନିଆଯାଇଥାଏ। ସେଠାରୁ କୌଣସି ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥାଏ। ସେହିପରି ଗ୍ରାମରେ ଅଙ୍ଗନବାଡି କିମ୍ବା ବିଦ୍ୟାଳୟ ମଧ୍ୟ ସ୍ଥାପନ କରାଯାଇନାହିଁ। ତେଣୁ ପାଠ ପଢ଼ିବା ପାଇଁ ଗ୍ରାମର ଛାତ୍ରଛାତ୍ରୀ ଚାରି କିଲୋମିଟର ଶୋଚନୀୟ ରାସ୍ତା ପାର ହୋଇ କଳାଭାଟିଗୁଡ଼ା ଗାଁକୁ ଯାଇଥାନ୍ତି। କୁନି କୁନି ପିଲା ଏବଂ ଗର୍ଭବତୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଆଣିବା ପାଇଁ ଶିରାଗୁଡ଼ା ଅଙ୍ଗନବାଡି କେନ୍ଦ୍ରକୁ ଯିବାକୁ ପଡ଼ିଥାଏ। ସେହିପରି ଗ୍ରାମରେ ଦୁଇଟି ନଳକୂପ ଖନନ କରାଯାଇଛି। କିନ୍ତୁ ୪ ମାସ ହେଲା ଏହି ନଳକୂପ ଅଚଳ ହୋଇପଡ଼ିଛି। ଯାହାଫଳରେ ଲୋକେ ନିକଟସ୍ଥ ଝରଣାରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଏହି ଦୂଷିତ ପାଣି ପିଇ ଅନେକ ଲୋକ ରୋଗାକ୍ରାନ୍ତ ହୋଇଥିବା ଅଭିଯୋଗ କରୁଛନ୍ତି। ବିଦ୍ୟୁତ୍ ନଥିବାରୁ ଲୋକେ ଡିବିରି ଆଲୁଅରେ ରାତ୍ରି ଯାପନ କରନ୍ତି। ଗତ ତିନି ବର୍ଷ ହେଲା ଗ୍ରାମବାସୀଙ୍କୁ ପିଡିଏସ୍ କିରାସିନି ମଧ୍ୟ ମିଳୁନାହିଁ। ଗ୍ରାମର ୭ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଘର ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଛି। ସ୍ୱାସ୍ଥ୍ୟ କର୍ମୀ ଏହି ଗାଁକୁ ଆସୁନଥିବା ବେଳେ କ୍ୱାକ୍ ମାନେ ପହଞ୍ଚି ଚିକିତ୍ସା କରି ଅଧିକା ଦରରେ ଔଷଧ ବିକ୍ରି କରି ଟଙ୍କା ନେଉଥିବା ଅଭିଯୋଗ ହେଉଛି।

ଦୀର୍ଘ ବର୍ଷ ହେଲା ମୌଳିକ ସମସ୍ୟାର ସମାଧାନ ପାଇଁ ବହୁବାର ପ୍ରଶାସନ ନିକଟରେ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। କେବଳ ନିର୍ବାଚନ ବେଳେ ବିଭିନ୍ନ ରାଜନୀତି ଦଳର ନେତାମାନେ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇ ଚାଲି ଯାଆନ୍ତି। କିନ୍ତୁ ନିର୍ବାଚନ ସରିଲା ପରେ କାହାର ଦେଖାମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୀଘ୍ର ସମସ୍ତ ମୌଳିକ ସୁବିଧା ଯୋଗାଇଦେବାକୁ ଡମୁଗୁଡ଼ା ଗ୍ରାମର ମିଟୁ ମୁଦୁଲି, ଯମୁନା ମୁଦୁଲି, ଡମୁ ମୁଦୁଲି, ତ୍ରିଲୋଚନ ମୁଦୁଲି, ଲବ ଗୌଡ଼, ବିବି ଗୌଡ଼, ଟଙ୍କ ମୁଦୁଲି, ଶ୍ରାବଣୀ ମୁଦୁଲି, ଗୁରୁ ମୁଦୁଲି, ସଦା ଗୌଡ଼, ସୋମନାଥ ଗୌଡ଼, ରମେଶ ମୁଦୁଲି, ଲଳିତ ମୁଦୁଲି, ପାକଲି ମୁଦୁଲି, ରାଧା ମୁଦୁଲି ପ୍ରମୁଖ ଦାବି କରିଛନ୍ତି।

କୋରାପୁଟ ଜିଲ୍ଲାରେ ଦିଗହରା ବଳରାମ ଯୋଜନା

ଜୟପୁର , ୦୯/୦୩ (ନି.ପ୍ର): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଭୂମିହୀନ ତଥା ଭାଗ ଚାଷୀଙ୍କୁ "ବଳରାମ" ଯୋଜନା ଜରିଆରେ ବ୍ୟାଙ୍କରୁ ଆନୁଷ୍ଠାନିକ ଋଣ ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି। ତେବେ କୋରାପୁଟ ଜିଲ୍ଲାରେ ଏହା ଦିଗହରା ହୋଇ ପଡ଼ିଛି।

ସୂଚନା ଅନୁସାରେ, ଜିଲ୍ଲାର ୧୪ଟି ବ୍ଲକରେ ୨୧୭୫ ଜଣଙ୍କୁ ଏହି ଋଣ ଦେବାକୁ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିଲା। ୩୫୪୦ ଜଣ ଭାଗ ଚାଷୀଙ୍କୁ ଚିହ୍ନଟ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୯୫୯ଜଣଙ୍କର ଯାଂଚ ସରିଥିଲା। ୩୭୩ଟି (ଜେଏଲଜି) ଯୁଗ୍ମ ଚାଷୀ ଗୋଷ୍ଠୀ ଗଠନ କରାଯାଇଥିବା ବେଳେ ୩୩୫ ଟି ଜେଏଲଜିକୁ ଋଣ ଦେବାକୁ ଅନୁରୋଧ ପତ୍ର ଆମ୍ବା ପକ୍ଷରୁ ପଠାଯାଇଥିଲା। ତାହାରି ମଧ୍ୟରୁ ୧୫୧ଟି ଜେଏଲଜିକୁ ବିଭିନ୍ନ ବ୍ୟାଙ୍କ ଜରିଆରେ ୧ କୋଟି ୧୩ ଲକ୍ଷ ୫୨ହଜାର ୭୦୦ ଟଙ୍କାର ଋଣ ବିଭିନ୍ନ ବ୍ୟାଙ୍କ୍ ଓ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଦ୍ୱାରା ଦିଆଯାଇଛି। କୁନ୍ଦ୍ରା ବ୍ଲକରେ ଗୋଟିଏ ବି ଜେଏଲଜି ଗଠନ କରାଯାଇ ନାହିଁ। ବୋରିଗୁମ୍ମା, ଦଶମନ୍ତପୁର, ନନ୍ଦପୁର ଓ ସେମିଳିଗୁଡା ବ୍ଲକର ଗୋଟିଏ ବିଜେଏଲଜିକୁ ବିଭିନ୍ନ ବ୍ୟାଙ୍କ ଓ କୃଷି ସମବାୟ ସମିତି ଋଣ ଦେଇ ନାହାନ୍ତି।

ଏହି ସ୍ଥିତିରେ ଚିହ୍ନଟ ହୋଇ ଜେଏଲଜି ଗଠନ ହୋଇ ପାରି ନଥିବା ୧୫୮୧ ଜଣ ଭୂମିହୀନ ଚାଷୀଙ୍କ କେବେ ଜେଏଲଜି ଗଠନ କରାଯିବ ତାହାକୁ ନେଇ ଚାଷୀଙ୍କ ମନରେ ପ୍ରଶ୍ନ ଉଠିଛି। ଆମ୍ବା ବଳକା ୩୮ଟି ଜେଏଲଜିକୁ ଋଣ ଦେବା ପାଇଁ ଅନୁମୋଦନ କରି ପଠାଇବା କାମ ବାକି ରହିଛି। ସେହଭଳି, ବିଭିନ୍ନ ବ୍ୟାଙ୍କ ଓ ସମବାୟ ସମିତି ନିକଟରେ ଆଉ ୧୮୪ଟି ଜେଏଲଜିଙ୍କୁ ଋଣ ଦେବାର ବି ବାକି ରହିଛି। ସରକାରଙ୍କ ଏହି ଯୋଜନା ଅନ୍ୟ କୌଣସି ରାଜ୍ୟରେ କାର୍ଯ୍ୟକାରୀ ହୋଇନାହିଁ । ଏହି ଯୋଜନା ସଫଳ ହେଲେ ସମଗ୍ର ଦେଶ ପାଇଁ ଏକ ମଡେଲ୍ କରିବା ଲକ୍ଷ୍ୟ ରାଜ୍ୟ ସରକାରଙ୍କର ରହିଛି। ଏହି ସ୍ଥିତିରେ ଏହା ହୋଇ ପାରିବ କି ନାହିଁ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି।

ଗ୍ରାମାଞ୍ଚଳ ଏବଂ ଛୋଟ ସହରରେ ବିଭିନ୍ନ ବ୍ୟାଙ୍କ୍ ଏବଂ ପ୍ରାଥମିକ କୃଷି ସମବାୟ ସଂସ୍ଥା ଅତିକମରେ ୧୦ଟି ଜେ.ଏଲ୍.ଜି ଙ୍କୁ ଋଣ ଦେବା ପାଇଁ କୁହାଯାଇଛି। ଯୋଜନାରେ ୪ ରୁ ୧୦ଜଣ ଭୂମିହୀନ କୃଷକ ଏକାଠି ହୋଇ ଯୁଗ୍ମ ଗୋଷ୍ଠୀ ଗଠନ କରି ମିଳିତ ଭାବେ ଋଣ ପାଇଥାନ୍ତି। ବିନା ଗ୍ୟାରେଣ୍ଟିରେ ଗୋଟିଏ ଗୋଷ୍ଠୀ ଏକ ଲକ୍ଷ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପାଇବା ବ୍ୟବସ୍ଥା ରହିଛି। କୃଷକ ସାଥୀ ଏବଂ ଗ୍ରାମ କୃଷି କର୍ମଚାରୀ ଗ୍ରୁପ ଗଠନ କରି ସେମାନଙ୍କୁ ବ୍ୟାଙ୍କ୍ ସହ ଯୋଡିବେ। ଋଣ ଯୋଗାଣ ଏବଂ ଋଣ ପୈଠ ଆଦିରେ ସହାୟତା କରିବେ। ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ଜିଲ୍ଲାସ୍ତରୀୟ ଆମ୍ବା ସଂସ୍ଥା ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଉଛି। ଭୂମିହୀନ ଚାଷୀଙ୍କୁ ଏହି ଋଣ ସାଧାରଣ କୃଷି ଋଣ ଆକାରରେ ଦିଆଯିବ।

ଶଶୁର ଘରେ ଜ୍ୱାଇଁକୁ ପିଟିପିଟି ହତ୍ୟା: ୫ ଅଟକ

ପାଟଣାଗଡ଼, ୦୯/୦୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଚାବିରିପାଲି ଗାଁରେ ଶଶୁର ଘର ଲୋକେ ଜ୍ୱାଇଁ ରୁଦ୍ରମଣି ମେହେର(୩୨)କୁ ପିଟିପିଟି ହତ୍ୟା କରିଥିବା ଜଣାପଡ଼ିଛି। ହତ୍ୟାକାଣ୍ଡଟି ପାରିବାରିକ କଳହକୁ ନେଇ ହୋଇଥିବା ସୂଚନା ମିଳିଛି। ଗତକାଲି ରୁଦ୍ରମଣିକୁ ପିଟିପିଟି ହତ୍ୟା କରାଯାଇଥିଲା। ପରେ ପାଟଣାଗଡ଼କୁ ଶଶୁର ଘର ଲୋକେ ନେଇକି ଆସୁଥିଲେ। ରାତିରେ ଭୋଜି ଖାଇବା ପରେ ଗାଁକୁ ଯାଇ ରୁଦ୍ରମଣି ମେହେରର ମୃତଦେହକୁ ଏକ ବସ୍ତାରେ ଭର୍ତ୍ତି କରି ଗୋଟିଏ ଚାରି ଚକିଆ ଗାଡ଼ିରେ ନେଇ ଅନ୍ୟତ୍ର ଫୋପାଡ଼ି ଦେବାର ଉଦ୍ୟମ କରୁଥିଲେ। ସେହି ସମୟରେ ଗାଁ ଲୋକେ ଗାଡ଼ିକୁ ଅଟକ ରଖି ଖପ୍ରାଖୋଲ ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ସକାଳୁ ଶବ ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ସିଏଚସିକୁ ଆଣିଥିବା ଜଣାପଡିଡ଼ି। ବର୍ତ୍ତମାନ ଖପ୍ରାଖୋଲ ଥାନାରେ ପାଟଣାଗଡ଼ ଏସଡିପିଓ ପହଞ୍ଚି ତଦନ୍ତ କରୁଥିବା ବେଳେ ରୁଦ୍ରଙ୍କ ପରିବାର ପକ୍ଷରୁ ମୃତକଙ୍କ ବଡ଼ଭାଇ ଖଗେଶ୍ୱର ମେହେର ଖପ୍ରାଖୋଲ ଥାନାରେ ୫ ଜଣଙ୍କ ନାଁ ଥାନାରେ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଜଣାପଡ଼ିଛି।

ହାଣ୍ଡିଧୂଆଁ-ଘଣ୍ଟପଡ଼ା ଓଭରବ୍ରିଜ୍: ସରୁନି ନିର୍ମାଣ କାର୍ଯ୍ୟ, ସାଧାରଣରେ ବଢୁଛି ତୀବ୍ର ଅସନ୍ତୋଷ

ତାଳଚେର, ୦୯/୦୩ (ନି.ପ୍ର): ତାଳଚେର ବ୍ଲକ୍ ହାଣ୍ଡିଧୂଆଁ- ଘଣ୍ଟପଡ଼ା ଲେଭଲ୍ କ୍ରସିଂରେ ଓଭର ବିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ପ୍ରାୟ ୭ ବର୍ଷ ବିତିଗଲାଣି। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଏମ୍‌ସିଏଲ୍‌ର ବଳରାମ କୋଇଲା ଖଣି କୋଇଲା ଷ୍ଟକୟାର୍ଡଠାରୁ ତାଳଚେର ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ଯାଇଥିବା ରେଳ ପଥରେ ପଡୁଛି ହାଣ୍ଡିଧୂଆଁ- ଘଣ୍ଟପଡ଼ା ଲେଭଲ୍ କ୍ରସିଂ। ହାଣ୍ଡିଧୂଆଁ ଛକରୁ ଘଣ୍ଟପଡ଼ା ଦେଇ ସେଣ୍ଟ୍ରାଲ ହସ୍ପିଟାଲ, ଏଫ୍‌ସିଆଇ, ହିଙ୍ଗୁଳା ମନ୍ଦିର, ସାଉଥବଲଣ୍ଡା, ଥର୍ମାଲ, ନାଲ୍‌କୋନଗର, ଅନୁଗୁଳ ଆଦି ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏହି ଲେଭଲ୍‌କ୍ରସିଂ ଥିବାବେଳେ ଏହି ରାସ୍ତାରେ ତାଳଚେର ସରକାରୀ ଆଇଟିଆଇ, ହାଟତୋଟାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିଭିନ୍ନ କୋଇଲା ଖଣିକୁ ପ୍ରତ୍ୟେହ ହଜାର ହଜାର ଲୋକ ଯା'ଆସ କରୁଛନ୍ତି। ଏହି ଲେଭଲ୍ କ୍ରସିଂରେ ସେମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ତେଣୁ ଏଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ବହୁ ବର୍ଷ ହେଲା ଦାବି ହୋଇଆସୁଥିଲା।

ଏହି ଓଭରବ୍ରିଜ୍ ପାଇଁ ଅର୍ଥ ମଂଜୁର ନିମନ୍ତେ ୨୦୧୨ ମସିହାରେ କେନ୍ଦ୍ର କୋଇଲାମନ୍ତ୍ରୀ ପ୍ରକାଶ ଜୟସ୍ୱାଲ ଏମ୍‌ସିଏଲ୍‌କୁ ଦାୟିତ୍ୱ ଦେଇଥିଲେ। ୨୦୧୬ ମସିହାରେ ଅର୍ଥ ମଂଜୁର ହେବା ସହ ଟେଣ୍ଡର କରାଯାଇ ସେହିବର୍ଷ ଜୁନ୍ ମାସରେ ଆରକେଡି ଇନ୍‌ଫ୍ରା ଓ ରାଇଟସ୍ ଲିମିଟେଡ୍ ନାମକ ଠିକାସଂସ୍ଥାକୁ ଏହା ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ମିଳିଥିଲା। ୨୦୧୮ ମସିହା ଅକ୍ଟୋବର ୨୦ ତାରିଖ ସୁଦ୍ଧା ଓଭର ବ୍ରିଜ୍ ନିର୍ମାଣ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କେବଳ ୭ଟି ଖୁମ୍ବ ତିଆରି ହୋଇଥିବା ଦେଖାଯାଇଛି।

ଯୁଦ୍ଧକାଳୀନ ଭିତ୍ତିରେ ଏହା ନିର୍ମାଣ କରାଯିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ସୂଚନା ଦିଆଯାଉଥିଲେ ବି ଅଦ୍ୟାବଧି ୩୫ ପ୍ରତିଶତ କାର୍ଯ୍ୟ ମଧ୍ୟ ସରିନାହିଁ। ଅନ୍ୟ ପକ୍ଷରେ ଏହି ଓଭରବ୍ରିଜ୍‌ର ନିର୍ମାଣର ବ୍ୟୟ ଅଟକଳ ବଢ଼ିଚାଲିଛି। ସୂଚନା ଅଧିକାର କର୍ମୀ ଦେବ ପ୍ରସାଦ ସାହୁ ହାସଲ କରିଥିବା ତଥ୍ୟ ମୁତାବକ ଏହି ଓଭରବ୍ରିଜ୍ ନିର୍ମାଣ ପାଇଁ ଏମ୍‌ସିଏଲ୍ ପ୍ରଥମେ ୭ କୋଟି ଟଙ୍କା ମଞ୍ଜୁର କରିଥିଲା। ପରବର୍ତ୍ତୀ ସମୟରେ ଆଉ ୯ କୋଟି ଟଙ୍କା ଏମ୍‌ସିଏଲ୍ ମଞ୍ଜୁର କରିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ ନସରିବାରୁ ପୁଣି ବ୍ୟୟ ଅଟକଳ ବୃଦ୍ଧି କରାଯାଇଛି। ଏମ୍‌ସିଏଲ୍ ଏହାର ସିଏସ୍‌ଆର ପାଣ୍ଠିରୁ ଏଥିପାଇଁ ମୋଟ ୩୪ କୋଟି ୯୪ ଲକ୍ଷ ୯୩ ହଜାର ୧୨୯ ଟଙ୍କା ମଂଜୁର କରିଛି। କିନ୍ତୁ ଓଭରବ୍ରିଜ୍ ନିର୍ମାଣ ସରୁନଥିବାରୁ ଅଞ୍ଚଳବାସୀଙ୍କ ଦୁଃଖ ଦୂର ହୋଇପାରିନାହିଁ। ତେଣୁ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି।

୧୫ ରୁ ସମୂହ ଛୁଟିରେ ଯିବେ ସମସ୍ତ ଏନପିଏସ ଶିକ୍ଷକ

ମାଲକାନଗିରି, ୦୯/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଏନପିଏସ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ସଭାପତି ରାମ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଗତକାଲି ସ୍ଥାନୀୟ ତଳ ସାହି ବିଦ୍ୟାଳୟ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମାଥିଲି, ଖଇରପୁଟ, କୋରକୋଣ୍ଡା, କାଲିମେଳା, କୁଡୁମୁଲୁଗୁମ୍ମା, ପଡିଆ ଓ ମାଲକାନଗିରି ଜିଲ୍ଲା ସଦର ମହକୁମା ବ୍ଲକର ଏନପିଏସ ଶିକ୍ଷକ ସଂଘର କର୍ମକର୍ତା ମାନେ ଯୋଗ ଦେଇଥିଲେ । ରାଜ୍ୟ ସଂଘ ପକ୍ଷରୁ ଡ଼ାକରା ଦିଆଯାଇଥିବା ତିନି ଦଫା ଦାବି ରାଜ୍ୟ ସରକାର ପୂରଣ ନକରି ପ୍ରତିଶୃତି ଦେଇ ପ୍ରତାରଣା କରିବା ବିରୁଦ୍ଧରେ ଜିଲ୍ଲାର ସମସ୍ତ ଏନପିଏସ ଶିକ୍ଷକ, କୁନିୟର ଓ ଜେଟିସି ଶିକ୍ଷକ ସମୂହ ଛୁଟିରେ ଯିବେ ବୋଲି ନିଷ୍ପତି ନେଇଛନ୍ତି । ଏହି ଆନ୍ଦୋଳନ ପାଇଁ ଆଗାମୀ ସମସ୍ତ ପରୀକ୍ଷା ଓ ତାଲିମ ସହିତ ବିଭିନ୍ନ କାର୍ଯ୍ୟରୁ ଅବ୍ୟାହତି ଦେବା ପାଇଁ ଶିକ୍ଷକ ସଂଘ କର୍ମକର୍ତ୍ତା ମାନେ ସ୍ମାରକପତ୍ର ଦେଇ ବିଇଓ, ଡିଇଓଙ୍କୁ ଜଣାଇବେ । ଆଗାମୀ ୬ ତାରିଖରୁ କଳା ବ୍ୟାଚ ପିନ୍ଧିବା ସହ ୧୦ ତାରିଖରେ ବ୍ଲକ ସ୍ତରରେ ରାଲି ଓ ୧୫ରୁ ସମୂହ ଛୁଟିରେ ଯାଇ ପ୍ରତିବାଦ କରିବାକୁ ସ୍ଥିର କରିଛନ୍ତି । ଏଠାରେ ପ୍ରକାଶ ଥାଉକି, ଗତ ୨୭ ନଭେମ୍ବର ୨୦୨୨ ରେ ରାଜ୍ୟ ମିଳିତ ମହାସଂଘ ଡ଼ାକରାରେ ଲକ୍ଷାଧିକ ଏନପିଏସ ଶିକ୍ଷକ ଲୋୟର ପିଏମଜିରେ ୪ ଦିନ ବ୍ୟାପି ଧାରଣା ଦେଇଥିଲେ । ୨୮୦୦ ଗ୍ରେଡ ପେ ସହ ୬ ବର୍ଷ ଠିକାକୁ ମୂଳ ଦରମାରେ ମିଶାଇ ୬ ଟି ନୋସନାଲ ଇଂକ୍ରିମେଂଟ ଓ ପୁରୁଣା ପେନସନ ନିମନ୍ତେ ଦାବି କରିଥିଲେ । ଶାସକ ଦଳ ବିଧାୟକଙ୍କ ସହ ବିରୋଧୀ ଦଳ ବିଧାୟକ ଦାବି ବିଚାର ପାଇଁ ସମର୍ଥନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଏକ ସଚିବ ସ୍ତରୀୟ କମିଟି ଗଠନ କରି ଲିଖିତ ପ୍ରତିଶ୍ରୁତି ଦେବା ପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଧାରଣରୁ ହଟିଥିଲେ । ପରେ ଏନେଇ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ୨୯ ଡିସେମ୍ବର ୨୦୨୨ ରେ ରାଜ୍ୟ ଅଭିଯୋଗ ଓ ସାଧାରଣ ପ୍ରଶାସନ ସଚିବ, ରାଜ୍ୟ ଅର୍ଥ ସଚିବ, ବିଦ୍ୟାଳୟ ଗଣ ଶିକ୍ଷ୍ୟା ସଚିବ ଆବାହକତ୍ୱରେ ଆହୁତ ବୈଠକରେ ମିଳିତ ମହାସଂଘ ପ୍ରତିନିଧି ଦଳ ଉପସ୍ଥିତ ରହି ଦାବୀ ଗୁଡିକର ଯଥାର୍ଥତା ଦର୍ଶାଇଥିଲେ । ଆଜିକୁ ୩ ମାସ ପରେ ମଧ୍ୟ ରାଜ୍ୟ ସରକାର ଗୋଟିଏ ହେଲେ ଦାବୀ ପୂରଣ ନକରି ସମୟ ଗଡାଉ ଥିବାରୁ ଜିଲ୍ଲା ଏନପିଏସ ସଂଘ କ୍ଷୋଭ ପ୍ରକାଶ କରିଛି ।

କାର ଓ ସ୍କୁଟି ମୁହାଁମୁହିଁ ଧକ୍କା: ୨ ଗୁରୁତର

ଅନୁଗୋଳ, ୦୯/୦୩ (ନି.ପ୍ର): ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ ବଳରାମପ୍ରସାଦ କେନ୍ଦୁପାଟଣା ନିକଟରେ ସଡ଼କ ଦୁର୍ଘଟଣା ଘଟିଛି। କାର ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାଫଳରେ ୨ଜଣ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ପରିଚୟ ମିଳିନାହିଁ। ଗତକାଲି ଗିରାଙ୍ଗ ପଟରୁ ଏକ ସ୍କୁଟି ବଳରାମପ୍ରସାଦ ଆସୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ସହ ସ୍କୁଟିରେ ବସିଥିବା ଦୁଇ ଯୁବକ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ କାରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗାଡ଼ିକୁ ପିଛା ଧରିଥିଲେ। ପରେ ଗାଡ଼ି ଭିତରେ ବସିଥିବା ୩ ଜଣ ଅଣ ଓଡ଼ିଆ ଯୁବକକୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ନାଲକୋ ପୁଲିସ ପହଞ୍ଚି ଯୁବକମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଦୁର୍ଘଟଣା ସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତି ଶାନ୍ତ ପଡ଼ିଥିଲା।

ବାଟ ହୁଡ଼ିଲାଣି ଭିକାରିମୁକ୍ତ ଅଭିଯାନ

ପୁରୀ , ୦୯/୦୩ (ନି.ପ୍ର): ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ ଐତିହ୍ୟ ସ୍ଥଳରେ ପରିଣତ କରିବା ପାଇଁ ସହରକୁ ନୂଆ ରୂପରେଖ ଦିଆଯାଉଛି। ଅବଢ଼ାରୁ ନେଇ ହୃଦୟ ଭଳି ଯୋଜନାରେ ଶହଶହ କୋଟି ଟଙ୍କା ବ୍ୟୟ ହେଉଛି। ଅଥଚ ଦିନେ ଭିକାରିମୁକ୍ତ ହୋଇଥିବା ସହରରେ ଏବେ ପୁଣି ଭିକାରିଙ୍କ ଭିଡ଼ ଦେଖିବାକୁ ମିଳିଲାଣି। ପର୍ଯ୍ୟଟକମାନେ ମଧୁର ଅନୁଭବ ନେଇ ଫେରିବା ଲକ୍ଷ୍ୟରେ ଗତ ଦୁଇବର୍ଷ ତଳେ ଭିକାରିମୁକ୍ତ ଅଭିଯାନ ଆରମ୍ଭ ହୋଇଥିଲେ ହେଁ ପ

୮ ଦଫା ଦାବି ନେଇ ବିକ୍ଷୋଭ କଲା ଅଙ୍ଗନୱାଡି ସଂଘ

ଭଦ୍ରକ, ୦୯/୦୩ (ନି.ପ୍ର): ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ ଭଦ୍ରକ ଶାଖା ପକ୍ଷରୁ ୮ ଦଫା ଦାବୀ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଅଙ୍ଗନୱାଡି ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ଜେନା ସମ୍ପାଦିକା ଅନ୍ନପୂର୍ଣ୍ଣା ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଅଙ୍ଗନୱାଡି କର୍ମୀ ସ୍ଥାନୀୟ ବାଲ୍‌ଗୋପାଲ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ଫାଟକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଅଙ୍ଗନୱାଡି କର୍ମଚାରୀମାନେ ୮ ଦଫା ଦାବୀ ନେଇ ଗତ ୨୦୨୨ ମସିହା ନଭେମ୍ବର ୨୧ ତାରିଖରୁ ୨୦୨୩ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ରାଜଧାନୀରେ ଆନ୍ଦୋଳନ ଜାରି ରଖିଥିଲେ । ସେତେବେଳେ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖା ଯାଇଥିଲା । ସରକାର ଅଙ୍ଗନୱାଡି କର୍ମୀଙ୍କ ଆଲୋଚନା କରି ଦାବୀ ପୂରଣ କରିବେ ବୋଲି ଦେଇଥିବା ପ୍ରତିଶ୍ରୁତି ଆଜି ଯାଏ ପୂରଣ କରି ନ ଥିବାରୁ ଅଙ୍ଗନୱାଡି କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କ ଦାବୀ ଗୁଡ଼ିକ ମଧ୍ୟରେ ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା, ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ଯେତେ ଦିନ ପର୍ଯ୍ୟନ୍ତ ମାନ୍ୟତା ଦିଆ ଯାଇନାହିଁ କର୍ମୀଙ୍କୁ ମାସିକ ୧୮ ହଜାର ଟଙ୍କା ଏବଂ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ କରାଯିବା ସହିତ ଇପିଏଫ୍, ଇଏସ୍‌ଆଇ, ଗ୍ରାଚୁଇଟି ଆଦି ପ୍ରଦାନ କରିବା, ମିନି ଅଙ୍ଗନୱାଡି ଉଚ୍ଛେଦ କରି ମିନି ଅଙ୍ଗନୱାଡିକୁ ମୁଖ୍ୟ ଅଙ୍ଗନୱାଡିର ମାନ୍ୟତା ପ୍ରଦାନ କରାଯିବା, ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଏବଂ ମାସିକ ୫ ହଜାର ପେନ୍‌ସନ ଦେବା ସହିତ ପରିବାରରୁ ଜଣଙ୍କୁ ଚାକିରି ପ୍ରଦାନ କରିବା, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ବରଣ କଲେ ମୃତ୍ୟୁ କାଳୀନ ସହାୟତ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡିକୁ ବାଦ୍ ଦେବା ଭଳି ଦାବୀ ଗୁଡ଼ିକ ଉପସ୍ଥାପନ କରାଯାଇଥିଲା । ଏହି ବିକ୍ଷୋଭରେ ଭାରତୀୟ ମଜଦୁର ସଂଘର ମଧୁସୂଦନ ପତି, ଅଙ୍ଗନୱାଡି ସଂଘର ମାଧବୀଲତା ନାୟକ, ପ୍ରପତୀ ପାଣିଗ୍ରାହୀ, କମଳିନୀ ମଲ୍ଲିକ, ସଫିକା ଶେରାୱତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

ଜିକେ ଭଟ୍ଟର ଡାକ୍ତରଖାନାର ଜରୁରୀ ବୈଠକ

ଜଳ ନିଷ୍କାସନ ଓ ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ : ଏସ୍‌ଏଚ୍‌ଜି ରୋଗୀଙ୍କୁ ଯୋଗାଇବେ ଖାଦ୍ୟ

ଜଳେଶ୍ୱର, ୦୯/୦୩ (ନି.ପ୍ର): ଆଜି ଜଳେଶ୍ୱରସ୍ଥିତ ଜିକେଭଟ୍ଟର ଡାକ୍ତରଖାନାର ଆର୍‌କେଏସ୍ ଓ ରୋଗୀଙ୍କୁ ଖାଦ୍ୟ ଯୋଗାଣ ବୈଠକର ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ । ବର୍ଷାରେ ଡାକ୍ତରଖାନା ବାହାରେ ଥିବା ନର୍ଦ୍ଦମା ପାଣି ଚିକିତ୍ସାଳୟ ପରିସରକୁ ଭାଷି ଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏଥିଲାଗି ଶ୍ରୀ ପାତ୍ର ଉପସ୍ଥିତ ଜିଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର ଅତିରିକ୍ତ ଜିଲାପାଳ, ପୁର୍ତ୍ତବିଭାଗ ମୁଖ୍ୟଯନ୍ତ୍ରୀଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ । ଏକ ଟିମ୍ ପରିଦର୍ଶନ କଲାପରେ ସମସ୍ୟାର ସମାଧାନ ହେବାର ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଏଣିକି ଡାକ୍ତରଖାନାରେ ଅର୍ନ୍ତବିଭାଗ ରୋଗୀଙ୍କୁ ଖାଦ୍ୟ ଯୋଗାଇବାଲାଗି ନିଲାମ ପ୍ରସ୍ତାବ ଥିବା ବେଳେ ଏଣିକି ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଇବେ ବୋଲି ଡିପିଏମ୍ ଅନିଲ କୁମାର ମହାନ୍ତି କହିଛନ୍ତି । ଏଠାରେ ୫ଜଣ ଡାକ୍ତର କାର୍ଯ୍ୟରତ ଥିବାରୁ ଅଳଚାବସ୍ତା ସୃଷ୍ଟାହେବା, ନର୍ସଙ୍କୁ କ୍ୱାଟର ମିଳିନଥିବା, ବିଦ୍ୟୁତର ସରଳିକରଣ ହେବା, ମାତୃ ଓ ଶିଶୁ ମଙ୍ଗଳ କୋଠାର ଯତ୍ନ ନେବା ଏବଂ ମିଳିଥିବା ଅର୍ଥରେ ଏକ ନୂତନ ଗୃହ ନିର୍ମାଣ ହେବା ସଂପର୍କରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡା. ଦିଲ୍ଲିପ କୁମାର ପାତ୍ର, ବିନୋଦ ବିହାରୀ ପ୍ରଧାନ, ତହସିଲଦାର ମିହିର ରଂଜନ ବେହେରା, ପୌରଧ୍ୟକ୍ଷ ପ୍ରତୀପ ପ୍ରଧାନ, ପୌରଅଧିକାରୀ ଅଜୟ ମହାପାତ୍ର, ପୁଷ୍ପପ୍ରିୟା କାମିଳା, ଅଶୋକ ପାତ୍ର, ଆଷତୋଶ ପାଣିଗ୍ରାହୀ, ସୁରଜିତ ଘୋଷ, ଡ. ରମାକାନ୍ତ ଭଂଜ, ଅବନୀ ଚାନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଭୁବନେଶ୍ୱରର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦେ ଫୁସ୍‌ଫୁସ୍ ରୋଗର ଚିକିତ୍ସା ଲାଗି ୨୦ଲକ୍ଷ ଟଙ୍କା ଦାନ କରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା ।

ଝୁମ ମଣି ପାତ୍ରଙ୍କ ୮୧ ତମ ଜୟନ୍ତୀ ଓ ମୁନି ସମାଜର ସତ୍‌ସଙ୍ଗ

ବାସୁଦେବପୁର, ୦୯/୦୩ (ନି.ପ୍ର) ବାସୁଦେବପୁର ବ୍ଲକ ନରସିଂହପୁର ପଂଚାୟତ ର ବାସନ୍ତୀ ପଡିଆ ଠାରେ ଆଦର୍ଶ ନାରୀ ଝୁମମଣି ପାତ୍ରଙ୍କ ୮୧ ତମ ଜୟନ୍ତୀ ଓ ମୁନି ସମାଜର ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁନି ଉମାକାନ୍ତ ବିଶ୍ୱାଳ ଏହି ସଭାରେ ସଭାପତିତ୍ୱ କରିଥିଲେ । ଏହି ଆଧାତ୍ମିକ ଉତ୍ସବ ରେ ବସନ୍ତ ମୁନି, ଦଶରଥ ମୁନି, ସୁଧାକର ମୁନି ଅତିଥି ଭାବେ ଯୋଗ ଦେଇ ମୁନି ସମାଜର ଆଦର୍ଶ ଚିନ୍ତାଧାରା, ମୌଳିକ ତତ୍ତ୍ୱ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ନରସିଂହପୁର ପଂଚାୟତ କମାର ଗଡିଆ ଗ୍ରାମର ରମାକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବ ରେ ମୁଖ୍ୟ ଆୟୋଜକ ଗଜେନ୍ଦ୍ର ପାତ୍ର ଓ ତାଙ୍କର ଦାଦା, ଖୁଡି, ଧର୍ମପତ୍ନୀ, ପୁତ୍ର, ଝିଅ, ଜ୍ୱାଇଁ, ବନ୍ଧୁ ବାନ୍ଧବ, ପରିବାର ବର୍ଗ ସହଯୋଗ କରିଥିଲେ । ଶେଷରେ ସମସ୍ତ ଜନ ସାଧାରଣ ପ୍ରସାଦ ସେବନ କରିଥିଲେ ।

ସଂଗୀତ କଳା ପରିଷଦ ପକ୍ଷରୁ ସାରସ୍ୱତ ଫଗୁ ମିଳନ

ବାସୁଦେବପୁର, ୦୯/୦୩ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ସଂଗୀତ କଳା ପରିଷଦ ପକ୍ଷରୁ ସାରସ୍ୱତ ଫଗୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କବି ସୁଦର୍ଶନ ଅଗସ୍ତିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ଆଧାତ୍ମିକ ପ୍ରବକ୍ତା ମହାପ୍ରସାଦ ସ୍ୱାମୀ, କବି ସୁଧାଂଶୁ ଶେଖର ମିଶ୍ର, ଶିକ୍ଷାବିତ ଶ୍ୟାମ ସୁନ୍ଦର ପଳିତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ଓ କଳା ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ଅବସରରେ କବିତା ପାଠ ଉତ୍ସବ ରେ କବି ବିକାଶ ଶତପଥୀ ଓ କବି ସଦାନନ୍ଦ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ । କବି ରତ୍ନାକର ପଣ୍ଡା, ନାରାୟଣ ନାୟକ, ତପନ ମିତ୍ର, ବସନ୍ତ ଦାସ, ବିପଦ ଭଂଜନ ପାଢ଼ୀ, ମନୋରମା ନାୟକ, ମାନସ ପାଢ଼ୀ, ସ୍ୱରୂପା ନନ୍ଦ ଦାସ, ଅଭିମନ୍ୟୁ ସାହୁ, ଶାନ୍ତିଲତା ପଣ୍ଡା, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସ୍ୱ ରଚିତ କବିତା ଆବୃତ୍ତି କରିଥିଲେ । ସଂଗୀତ କଳା ପରିଷଦ ର ସହ ସମ୍ପାଦକ ବିଜୟ କୁମାର ରାୟ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

ମୀରାମହଲା ସରକାରୀ ଉର୍ଦ୍ଦୁ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଭଦ୍ରକ, ୦୯/୦୩ (ନି.ପ୍ର): ସ୍ଥାନୀୟ ମରାମହଲା ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗୁଜିଦରଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ଫରହଦ୍ ଆଲାମ ଖାଁ, ସମ୍ମାନନୀୟ ଅତିଥି ଭାବେ ଗୁଜିଦରଡ଼ା କ୍ଲଷ୍ଟରର ସିଆର୍‌ସିସି ଇର୍‌ସାଦ୍ ଅହମ୍ମଦ, ମୁଖ୍ୟବକ୍ତା ଭାବେ ଗୁଜିଦରଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିଲୁର ରହେମାନ ଖାଁ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା । ଉତ୍ସବରେ ପ୍ରଧାନ ଶିକ୍ଷକ ମୀର ଅବଦୁଲ ହାଫିଜ୍, ବରିଷ୍ଠ ଶିକ୍ଷୟତ୍ରୀ ତସ୍‌ନିମା ବେଗମ, ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ଉଦ୍‌ବୋଧନ ଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମକୁ ରୁହି ଫିର୍‌ଦୋସ୍, ଆସ୍‌ମା ଖାତୁନ, ସେଖ୍ ମହମ୍ମଦ ରଫିକ୍, ସେଖ୍ ଅବଦୁଲ ରଜାକ, ରଘୁନାଥ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

ସଦର ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ

ବାଲେଶ୍ୱର, ୦୯/୦୩ (ନି.ପ୍ର): ଆର୍ଥିକ ବର୍ଷ ୨୦୨୨-୨୩ ଶେଷ ହେବା ପୂର୍ବରୁ ସଦର ନିର୍ବାଚନମଣ୍ଡଳୀ ସ୍ତରୀୟ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଦର ବିଧାୟକ ସ୍ୱରୂପ ଦାସ ଅଧ୍ୟକ୍ଷତା କରିବା ସହିତ ସମଗ୍ର ନିର୍ବାଚନମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ତଥା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ । କାର୍ଯ୍ୟର ଗୁଣବତା ରକ୍ଷା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ସଦର ବିଡିଓ ନରେନ୍ଦ୍ର ଖମାରୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ସୁନିତା ସେଠୀ, ସଦର ତହସିଲଦାର ନିର୍ଲିପ୍ତା ମହାନ୍ତି, ପୌରାଧ୍ୟକ୍ଷା ସବିତା ସାହୁ, ଉପାଧ୍ୟକ୍ଷ କୈଳାସ ସେଠୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ମନ୍ଥର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରିଥିଲେ । ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଧାର୍ଯ୍ୟ ସମୟ ଅବଧି ମଧ୍ୟରେ ଶେଷ ପାଇଁ ଅଧିକାରୀଙ୍କ ସମେତ ଲୋକ ପ୍ରତିନିଧିମାନେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବାଲେଶ୍ୱର ପୌରପାଳିକାର କାଉନସିଲରମାନେ ଉପସ୍ଥିତ ଥିଲେ ।

ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ବୁଧବାର ଦିନ ଉଇସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ 'ବନ୍ଧୁ' ୱେଲଫେୟାର ଟ୍ରଷ୍ଟ ତରଫରୁଆନ୍ତର୍ଜାତିକ ମହିଳା ଦିବସ ଭୁବନେଶ୍ୱର ବମିଖାଲସ୍ଥିତ ଜୟଦୁର୍ଗାନଗରଠାରେ ପାଳିତ ହୋଇଯାଇଛି । ଏଥିରେ ଉଇସ୍ ଅନୁଷ୍ଠାନର ଅଧକ୍ଷା ଅନୁସୂତା ସିଂହଦେଓ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ସ୍ନାୟୁତତ୍ତ୍ୱ ବିଭାଗର ପ୍ରଫେସର ଡଃ ରବିନାରାୟଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୌରାଣିକ ଯୁଗରେ ନାରୀମାନଙ୍କର ରହିଥିବା ଭୂମିକା ଆଜି ଆମକୁ କିପରି ପ୍ରେରଣା ଯୋଗାଉଛି, ସେ ସଂପର୍କରେ ଆଲୋକପାତ କରିଥିଲେ ।'ଉଇସ୍' ଅନୁଷ୍ଠାନତରଫରୁ 'ବନ୍ଧୁ' ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ ଦାଶ ଓ ଫଗୁ ସାମଲଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଶତାଧିକ ମହିଳା ଯୋଗଦାନ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଏସିଡ଼ ଆକ୍ରମଣ ମୃତ୍ୟୁ ମାମଲାର....

ତାକୁ ମାରି ତା'ର ମୃତଦେହ ପୋଡ଼ିବା ପାଇଁ ଚନ୍ଦନ ପେଟ୍ରୋଲ କିଣି ସାରିଥିଲା ବୋଲି ପୁଲିସ ଆଗରେ ମାନଥିବା ଏସପି ସୂଚନା ଦେଇଛନ୍ତି । ସହଦେବଖୁଣ୍ଟା ଥାନା କେସ ନଂ ୫୬/୨୩ ମୂଳେ ପୂର୍ବର ଗିରଫ ୬ ଅଭିଯୁକ୍ତଏବେ ଜେଲରେ ଥିବା ବେଳେ ଆଜି ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଓ ଏସିଡ଼ ବିକ୍ରେତାକୁ କୋର୍ଟ ଚାଲାଣ କରାଯାଉଛି । ପ୍ରକାଶ ଥାଉକି ସହଦେବଖଣ୍ଟା ଥାନା ଅନ୍ତର୍ଗତ ଭୀମପୁରା ଅଞ୍ଚଳର ଏକ ଗହଣା ଦୋକାନରେ କାରୀଗର ଭାବେ କାର୍ଯ୍ୟ କରିବା ସମୟରେ ନୀଳଗିରି ନୟାପାଟଣା ଗ୍ରାମର ଚନ୍ଦନ କୁମାର ରଣାଙ୍କର ସ୍ଥାନୀୟ ବାସିନ୍ଦା କାର୍ତ୍ତିକ ସିଂଙ୍କ ସାନଝିଅ ବନିତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପ୍ରାୟ ଦୁଇ ମାସ ପୂର୍ବେ ଉଭୟ ବିବାହ କରିଥିଲେ । ମାତ୍ର ପୂର୍ବରୁ ଯେ ଚନ୍ଦନ ବିବାହିତ ଏବଂ ପତ୍ନୀଙ୍କ ସମେତ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି, ବିବାହ ପରେ ଏ ସମ୍ପର୍କରେ ବନିତା ଜାଣିବାକୁ ପାଇଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ାଝାଣ୍ଟି ହେବାରୁ ବନିତା ବାପାଙ୍କ ଘରକୁ ପଳାଇ ଆସି ଭୀମପୁରାରେ ଭଡ଼ା ନେଇ ରହୁଥିବା ତାଙ୍କ ବଡ଼ ଭଉଣୀ ବର୍ଷାଙ୍କ ପାଖରେ ରହୁଥିଲେ । ଚନ୍ଦନର ଠକେଇକୁ ନେଇ ସେ ସହଦେବଖୁଂଟା ଥାନାରେ ଏକ ଏତଲା ମଧ୍ୟ ଦେଇଥିଲେ । ତେବେ ଗତ ଫେବୃୟାରୀ ୨୦ ତାରିଖ ମଧ୍ୟାହ୍ନରେ ବର୍ଷାଙ୍କ ଭଡ଼ାଘରେ ପହଞ୍ଚି ବନିତାକୁ ସଙ୍ଗରେ ନେଇଯିବାକୁ ବାଧ୍ୟ କରିଥିଲେ । ବନିତା ଏବଂ ବଡ଼ ଭଉଣୀ ବର୍ଷା ରାଜି ନହେବାରୁ ଚନ୍ଦନ ଉତ୍ୟକ୍ତ ତାଙ୍କ ଉପରକୁ ଫୋପାଡି ଥିଲା । ଅଧିକ ମାତ୍ରାରେ ଏସିଡ଼ ବନିତାଙ୍କ ଉପରେ ପଡ଼ିଥିବା ବେଳେ ତାଙ୍କ ଶରୀର ୮୦ରୁ ଅଧିକ ଭାଗ ପୋଡି ଯାଇଥିଲା । ଏମିତିକି ବନିତାଙ୍କ ପାଖରେ ଛିଡ଼ା ହୋଇଥିବା ବର୍ଷା ଓ ତାଙ୍କର ଦୁଇ ଶିଶୁ ଏହି ଏସିଡ଼ ମାଡ଼ରେ ଗୁରୁତର ହୋଇଥିଲା । ଏସିଡ ଫିଙ୍ଗି ଚନ୍ଦନ ସେଠାରୁ ଫେରାର ହୋଇଯାଇଥିବା ବେଳେ ବନିତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସଂକଟାପନ୍ନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ଡାକ୍ତରମାନଙ୍କ ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୬ ତାରିଖରେ ବନିତାଙ୍କର କଟକରେ ମୃତ୍ୟୁ ହୋଇଯାଇଥିଲା ।

ଆଜିଠୁ ମାଟ୍ରିକ ପରୀକ୍ଷା....

ସିଟିଂରେ ଓ ସକାଳ ୮ଟାରୁ ପରୀକ୍ଷା କରାଯାଉଛି । ଛାତ୍ରଛାତ୍ରୀମାନେ ପରୀକ୍ଷା କେନ୍ଦ୍ରକୁ ବ୍ଲୁ ଓ ବ୍ଲାକ ପେନ, ପେନସିଲ, ଜ୍ୟାମିତି ବାକ୍ସ ନେଇ ଯାଇପାରିବେ । ପରୀକ୍ଷା ହଲରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ସେଂଟର ଅଧୀକ୍ଷକ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମୋବାଇଲକୁ ଏସଓପି ଅନୁସାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ କହିଛନ୍ତି ଯେ ପରୀକ୍ଷାରେ ୫୦ ପ୍ରତିଶତ ସିଲାବସରୁ ପ୍ରଶ୍ନ ଆସିବ । ତେଣୁ ଛାତ୍ର ଛାତ୍ରୀ ମାନେ ଏହାସହ ଟେକ୍ସଟ ବୁକକୁ ଭଲ ଭାବେ ପଢି ପରୀକ୍ଷା ଦେଲେ ୮୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଶ୍ନର ଉତ୍ତର ଦେଇ ପାରିବେ ବୋଲି କହିଛନ୍ତି ।

ଫୁଲଝାର କସବା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଆଶ୍ରମର ପଞ୍ଚଦଶତମ ବାର୍ଷିକ ଅଧିବେଶନ

ବାଲେଶ୍ୱର, ୦୯/୦୩ (ନି.ପ୍ର): ରବିବାର ଦିବା ଦଶ ଘଟିକା ସମୟରେ, ଫୁଲ୍‌ଝାର କସବା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ପଞ୍ଚଦଶ ତମ ବାର୍ଷିକ ଅଧିବେଶନ, ବରିଷ୍ଠ ବିଦ୍ୱାନ ମୁନିରାଜ ଅଜୟ ବିଶ୍ୱାଳଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇ ତାଙ୍କରି ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ସାଧନା-ସିଦ୍ଧ-ସାଧକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ କଳାକୃଷ୍ଣ ମିଶ୍ର ମହୋଦୟ । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ସହଦେବ ଖୁଣ୍ଟା ଶିବମୁନି ଯୋଗାଶ୍ରମ ରୁ ଆସିଥିବା, ମହାନ ସାଧୁକା, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଦୀପାଞ୍ଜଳୀ ଦାଶ ମହୋଦୟା । ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ମଧୁସୂଦନ ପଣ୍ଡା ମହୋଦୟ ଏବଂ ଆତ୍ମଜ୍ଞାନୀ ଯୋଗୀ ଲମ୍ବୋଦର ମୁନିଜୀ ମହୋଦୟ । ମୁନି ସଙ୍ଗୀତ ପରିବେଷଣ କରିଥିଲେ, ଗୋଉର ମୋହନ ମୁନି, ହରିମୋହନ ମୁନି, ହରେକୃଷ୍ଣ ମୁନି, ପ୍ରବୋଧ ମୁନି ,ବଳଭଦ୍ର ମୁନି ଏବଂ ମ

ଶୁକ୍ରବାର, ମାର୍ଚ୍ଚ ୧୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଧାନସିମୁଳିଆ ନିତାଇ ଗୌର ମଠର ୫୯ତମ ବାର୍ଷିକ ଉତ୍ସବ

ଜଳେଶ୍ୱର, ୦୯/୦୩ (ନି.ପ୍ର): ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୋଙ୍କ ୫୩୭ ତମ ଜନ୍ମ ଦିବଦ ଉପଲକ୍ଷେ ଜଳେଶ୍ୱର ବ୍ଲକର ଧାନସିମୁଳିଆସ୍ଥିତ ନିତାଇ ଗୌର ମଠର ୫୯ତମ ବାର୍ଷିକ ଉତ୍ସବ ଓ ୩ ଦିନ ବ୍ୟାପି ପ୍ରବଚନ କାର୍ଯ୍ୟକ୍ରମ ମହାଆଡମ୍ବରରେ ଅନୁଷ୍ଠିତ ହୋଇ ଯାଇଛି । ଏକ ଆଧ୍ୟାତ୍ମିକ ପରିବେଶରେ ମଠ ଅନ୍ତେବାସୀ ଓ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଅଖଣ୍ଡ ନାମ ସଂକୀର୍ତ୍ତନ ସହ ପ୍ରତିଦିନ ସଂଧ୍ୟାରେ ପ୍ରବଚନ ଓ ସାଂସ୍କୃତ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇ ଆସୁଛି । ରାଜ୍ୟର ବିଭିନ୍ନ ମଠ ମାନଙ୍କରୁ ବିଖ୍ୟାତ ପ୍ରବଚକ ଓ ମଠାଧିପ ମାନେ ଏଠାକୁ ଆସି ଶ୍ରଦ୍ଧାଳୁମାନଙ୍କୁ ଭକ୍ତିରସରେ ଆପ୍ୟାୟିତ କରିଛନ୍ତି । ଅନୁଷ୍ଠିତ ଏକ ସମୁହ ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିବା ବେଳେ ସଂଧ୍ୟାରେ ଆଖାପାଖ ସ୍କୁଲ ପିଲାମାନଙ୍କ ଦ୍ୱାରା ଭଜନ, ଗୀତ, ନୃତ୍ୟ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଆସୁଛି । ମଠରେ ଥିବା ଅନ୍ତେବାସୀମାନେ ପ୍ରାୟ ୯ଟି ମୌଜରା ବିଭିନ୍ନ ଶ୍ରଦ୍ଧାଳୁମାନଙ୍କଠାରୁ ଭିକ୍ଷାମୁଠୀ ସଂଗ୍ରହ କରି ଉକ୍ତ ଉତ୍ସବ ଆୟୋଜନ କରିଥିବା ବେଳେ କେତେକ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ମଠ ମଧ୍ୟରେ ଥିବା ମନ୍ଦିରର ନିର୍ମାଣ କରାଯାଇ ନିତାଇ ଗୌର, ଶ୍ରୀଚୈତନ୍ୟଦେବ ପୂଜାପାଇ ଆସୁଛନ୍ତି । ବୁଧବାର ସଂଧ୍ୟାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ପରିଡା ସଭାପତିତ୍ୱ କରି ଉପାନ୍ତରେ ଥିବା ମଠ ମାନଙ୍କୁ ପୁନଃରୁଦ୍ଧାର କରି ସରକାର ପ୍ରତ୍ସାହନ ଯୋଗାଇଲେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ହେବା ସହିତ ସାମାଜିକ ଜୀବନରେ ଆଧ୍ୟାତ୍ମିକ ସୁଦ୍ଧତା ସୃଷ୍ଟି ହୋଇ ପାରିବ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ସମାଜସେବୀ ବଂଶୀଧର ସିଟ ଯୋଗ ଦେଇ ୧୫୧୦ ମସିହାରେ ଶ୍ରୀ ଚୈତନ୍ୟ ଦେବଙ୍କ ଜଳେଶ୍ୱରକୁ ଆଗମନ ଓ ରହଣି ଦ୍ୱାରା ଗୌଡୀୟ ଧର୍ମ ବହୁ ପରିମାଣରେ ଆଦୃତ ହୋଇଥିଲା ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ସରପଂଚ ପ୍ରତିନିଧି ଅରୁଣ ପରିଡା, ଶିବ ପ୍ରସାଦ ଦାସ, ଶ୍ରୀକାନ୍ତ ଦାସ, ରବିନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇ ଏ ଅଂଚଳର ବହୁ ପୁରାତନ ମଠର ଉନ୍ନତି ଲାଗି ସହାୟତାର ହାତ ବଢାଇବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ସ୍ମରଣୀୟ ଭାରତ ଗସ୍ତକୁ ନେଇ ସାମାଜିକ ଗଣମାଧ୍ୟମରେ ଅନୁଭୂତି ବାଣ୍ଟିଲେ ବିଲ ଗେଟ୍ସ

ନୂଆଦିଲ୍ଲୀ, ୦୯/୦୩ : ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ତଥା ବିଶ୍ୱର ଖ୍ୟାତନାମା ସମାଜସେବୀ ବିଲ ଗେଟ୍ସ ତାଙ୍କର ସ୍ମରଣୀୟ ଭାରତ ଗସ୍ତକୁ ନେଇ ସାମାଜିକ ଗଣମାଧ୍ୟମରେ ନିଜ ଅନୁଭୂତି ବାଣ୍ଟିଛନ୍ତି । ଏଥିରେ ସେ କହିଛନ୍ତି ଯେ ପୁଣିଥରେ ସେ ନିଶ୍ଚୟ ଭାରତ ଆସିବାକୁ ଚାହିଁବେ । କାରଣ ଏଠାରେ ପ୍ରତ୍ୟେକ ଥର ତାଙ୍କୁ ଚମତ୍କାର ଅନୁଭୂତି ମିଳିବା ସହିତ ଅନେକ କିଛି ଶିଖିବାର ସୁଯୋଗ ମିଳୁଛି । ଭାରତ ଆସିଥିବା ସମୟରେ ଶ୍ରୀ ଗେଟ୍ସ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେହିସବୁ କାର୍ଯ୍ୟକ୍ରମର ଫଟୋ ସେ ସାମାଜିକ ଗଣମାଧ୍ୟମରେ ଶେୟାର କରିବା ସହିତ ନିଜର ଅନୁଭୂତି ଲେଖିଛନ୍ତି । ବିଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ତାଙ୍କ ପାଇଁ ସମ୍ମାନର ବିଷୟ ଥିଲା ବୋଲି ବିଲ ଗେଟ୍ସ କହିଛନ୍ତି । ସେ କହିଛନ୍ତି ଯେ, ଭାରତ ସ୍ୱାସ୍ଥ୍ୟ, ଆର୍ଥିକ ଅନ୍ତର୍ଭୂକ୍ତିକରଣ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଏବଂ ଡିଜିଟାଲକରଣ କ୍ଷେତ୍ରରେ ପ୍ରଗତିର ନେତୃତ୍ୱ ନେଉଛି । ମୁମ୍ବାଇରେ ଯକ୍ଷ୍ମା ରୋଗୀଙ୍କ ପାଇଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଭାବେ ବ୍ୟବହୃତ ଏକ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବାକୁ ନେଇ ଶ୍ରୀ ଗେଟ୍ସ ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ବିଶ୍ୱର ସବୁଠୁ ଅଧିକ ସଂଖ୍ୟକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି । ତେଣୁ ସେମାନଙ୍କ ପାଇଁ ଏଭଳି ଚିକିତ୍ସା ବ୍ୟବସ୍ଥା ଅତି ଗୁରୁତ୍ୱପୂର୍ଣ୍ଣ । ଭାରତରୁ ଯକ୍ଷ୍ମା ଉନ୍ମୂଳନ ପାଇଁ ଅଭିନେତ୍ରୀ ଅୟିୟେ ଶ୍ରଦ୍ଧାଙ୍କ ସହିତ ହୋଇଥିବା ଫଳପ୍ରଦ ଆଲୋଚନା ବିଷୟରେ ମଧ୍ୟ ବିଲ ଗେଟ୍ସ ଉଲ୍ଲେଖ କରିଛନ୍ତି । ମୁମ୍ବାଇ ସହର ଏକ ନୂଆ ଆଭିମୁଖ୍ୟ ନେଇ ଯକ୍ଷ୍ମା ଦୂରୀକରଣ ପ୍ରୟାସରେ ଅଗ୍ରଣୀ ରହିଛି ବୋଲି ସେ କହିଛନ୍ତି । ସେହିପରି କିଶୋର ସେତୁ ପ୍ରେମୀ ଅଂଶୁଲ ଭଟ୍ଟଙ୍କ ସହିତ ହୋଇଥିବା ଆଲୋଚନାକୁ ନେଇ ମଧ୍ୟ ଶ୍ରୀ ଗେଟ୍ସ ଖୁସି ବ୍ୟକ୍ତ କରିଛନ୍ତି । ଦିଲ୍ଲୀ ଗସ୍ତ ଅବସରରେ ଶ୍ରୀ ଗେଟ୍ସ ପ୍ରଥମେ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନକୁ ଯାଇଥିଲେ । ମରୁଡ଼ି, ବନ୍ୟା ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସହନଶୀଳ ଫସଲ ବିକାଶ ସମ୍ପର୍କରେ ଜାଣି ସେ ଆନନ୍ଦିତ ହୋଇଥିଲେ । ଏହି ଅବସରରେ ସେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କୁ ଭେଟିଥିଲେ ଏବଂ ଶିଶୁମାନଙ୍କର ଅନ୍ନପ୍ରାସନ ସମାରୋହରେ ସାମିଲ ହୋଇଥିଲେ । ମା' କ୍ଷୀର ପରେ ନବଜାତ ଶିଶୁକୁ ଅନ୍ୟ ଖାଦ୍ୟ ଖୁଆଇବାର ଏହି ହିନ୍ଦୁ ପରମ୍ପରା ବାସ୍ତବରେ ପ୍ରେରଣାଦାୟୀ ବୋଲି ବିଲ ଗେଟ୍ସ କହିଛନ୍ତି । ଦିଲ୍ଲୀରେ ଧୂଆଁ ଓ ଶବ୍ଦ ପ୍ରଦୂଷଣମୁକ୍ତ ଇଲେକ୍ଟ୍ରିକ ଅଟୋ ରିକ୍ସା ଚଳାଇବାର ନିଜର ଅନୁଭୂତି ସମ୍ପର୍କରେ ଶ୍ରୀ ଗେଟ୍ସ ସାମାଜିକ ଗଣମାଧ୍ୟମରେ କହିଛନ୍ତି । ଅଙ୍ଗାରକାମ୍ଳ ମୁକ୍ତ ଏହି ବାହନ ବେଶ ପରିବେଶ ଉପଯୋଗୀ ବୋଲି ସେ କହିଛନ୍ତି । ବିଲ ଗେଟ୍ସ ଦିଲ୍ଲୀରେ ଜି୨୦ ଶିଖର ସମ୍ମିଳନୀ ସହ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମହିଳା ଓ କମ ଆୟବର୍ଗର ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଡିଜିଟାଲ ଉପକରଣ ଏବଂ ଆପ୍ଲିକେସନଗୁଡ଼ିକର ବ୍ୟବହାରକୁ ନେଇ ସେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଭାରତ ସରକାରଙ୍କ ଅନ୍ୟ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ ।

ଜଉକଣ୍ଢେଇ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୦୯/୦୩ (ନି.ପ୍ର): ବାଲେଶ୍ୱର ଜଉକଣ୍ଢେଇ ବହାଘର ଉତ୍ସବ କମିଟିର ଚଳିତ ବର୍ଷ ୧୩ତମ ବାହାଘର ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ବିଶ୍ୱଶ୍ରୀ ପ୍ରେସ ପରିସରରେ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଆସନ୍ତା ମେ ମାସ ୧୪ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଏହି ବିବାହ ଉତ୍ସବ ପାରଂପାରିକ ରତିନିତି ଅନୁସାରେ ପାଳିତ ହେବ ବୋଲି ନିସ୍ପତି ନିଆ ହୋଇଛି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟନାଇକା ଲାବନ୍ୟବତୀ ଓ ଚନ୍ଦ୍ରଭାନୁ ଯଥାକ୍ରମେ କନ୍ୟା ଓ ବରର ନାମ କରଣ କରାଯିବାର ନିସ୍ପତି ହୋଇଛି । ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହୋଲି ପୂର୍ଣ୍ଣମୀରେ ଏହି ନାମ କରଣ କାର୍ଯ୍ୟ ସମାପନ ହୋଇଛି । ୫ଦିନ ବ୍ୟାପି ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ ଲୋକ ନୃତ୍ୟଦନ ଉପସ୍ଥିତ ରହି ସେମାନଙ୍କର କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ । ସେହିଭଳି ମିନାବଜାର ଓ ବିଭିନ୍ନ ପ୍ରକାର ଷ୍ଟଲ ପକାଜିବାର ନିସ୍ପତି ହୋଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଂପାଦକ ଡ଼ା କୁମାର ଗୋପାଲ, ଶିଳ୍ପୀ କେଶୁ ଦାସ, ସଭ୍ୟ ଗୌରାଙ୍ଗ ପାଣିଗ୍ରହୀ, ଇଂ.ହୃଷିକେଶ ସାହୁ, କୋଷାଧକ୍ୟ ବ୍ୟମନାଥ ରଥ, ସହ ସଂପାଦକ ରଘୁନାଥ ଲେଙ୍କା ଓ ରାଜେଶ ଗିରି, ସନ୍ତୋଷ ବିଶ୍ୱାଳ, ଜୟଶ୍ରୀ ସାହୁ, ମନସ୍ୱନୀ ଦେବୀ, କନକଲତା ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅଜୟ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମେଡିକାଲ କଲେଜ ନହେଲ ବିଜୁ ସ୍ମୃତି କମିଟି ନବୀନ ନିବାସ ଆଗରେ ଅନଶନ କରିବ

ଭଦ୍ରକ, ୦୯/୦୩ (ନି.ପ୍ର): ବିଜୁ ଜୟନ୍ତୀରେ ବିଜୁ ସ୍ମୃତି କମିଟି ପକ୍ଷରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦରିଦ୍ର ନାରାୟଣ ସେବାରେ ଅନାଥମାନଙ୍କ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । କମିଟିର ଅଧ୍ୟକ୍ଷ ଆଡ୍‌ଭୋକେଟ ଅମିତାବାଳା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତଢ଼ଙ୍କି, ସମ୍ପାଦକ ଆଇନଜୀବୀ କୁଳମଣି ବେହେରା, ବରିଷ୍ଠ ଆଇନଜୀବୀ ଗରିଧାରୀ ନାଥ, ଅଗଣି ଚରଣ ଜେନା, ଗୌରହରି ଦାସ, କମିଟିର ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ଜେନା, ଇଜ୍‌ହାସ ଖାଁ, ହାଜୀ ମୁନା ଏବଂ ବହୁ କର୍ମୀ ଉପସ୍ଥିତ ଥିଲେ । କମିଟି ପକ୍ଷରୁ ପୂର୍ବରୁ ଦାବୀ ହୋଇଥିବା ଡାକୋଟା ବିମାନ ଭୁବନେଶ୍ୱର ଆସି ଲୋକାର୍ପିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଅଧ୍ୟକ୍ଷ ଶ୍ରୀମତୀ ଆଚାର୍ଯ୍ୟ ବିଜୁ ଜନତା ଦଳକୁ ପାରିବାରିକ ରାଜନୀତି ଏବଂ ୧ ଲକ୍ଷ କୋଟି ଟଙ୍କାର ଋଣ ଭାରରେ ଓଡ଼ିଶାକୁ ବୁଡ଼େଇ ଦେବାର ଯେଉଁ ପ୍ରୟାସ କରାଯାଉଛି ସେଥିନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଭଦ୍ରକରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ୨୧୭ ଏକର ଜାଗା ରହିଥିବା ବେଳେ ରାଜ୍ୟ ସରକାର ଏଥି ପ୍ରତି ଧ୍ୟାନ ଦେଉ ନାହାନ୍ତି । ଜିଲ୍ଲାର ଲୋକ ପ୍ରତିନିଧିମାନଙ୍କର ଅପାରଗତା ଲାଗି ଜିଲ୍ଲାବାସୀ ସେମାନଙ୍କ ହକ୍‌ରୁ ବଞ୍ଚିତ ହେଉଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ଭଦ୍ରକରେ ତୁରନ୍ତ ଏକ ମେଡ଼ିକାଲ କଲେଜ ଓ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଦାବୀ ଉପସ୍ଥାପନ କରାଯାଇଥିଲା । ରାଜ୍ୟ ସରକାର ଜିଲ୍ଲାର ଏହି ଦାବୀକୁ ପୂରଣ ନକରନ୍ତି ତେବେ ବିଜୁ ସ୍ମୃତି କମିଟି ନବୀନ ନିବାସ ଆଗରେ ଅନଶନ କରିବ ବୋଲି ଚେତାବନୀ ଦେଇଥିଲେ ।

ଜେଲ୍‌ରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଲେ ବିଜେପି ନେତୃମଣ୍ଡଳୀ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ବିଭିନ୍ନ ଷଡଯନ୍ତ୍ର ରଚି ବିରୋଧୀଙ୍କ ସ୍ୱରକୁ ଚାପି ଦେବାର ପ୍ରୟାସ ଜାରୀ ରଖିଛି ବିଜେଡି ସରକାର । ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା,ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟ ପର୍ଦ୍ଦାଫାଶ ଦାବୀରେ ଆନ୍ଦୋଳନରତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ବିରୁଦ୍ଧରେ ୩୦୭ ଦଫା ଲଗାଇ ଜେଲରେ ଭର୍ତ୍ତି କରିଦେବା ଭଳି ଘଟଣା ଆଜି ସମସ୍ତଙ୍କୁ ଆଚମ୍ବିତ କରିଛି । ରାଜ୍ୟବାସୀଙ୍କ ସୁରକ୍ଷା ଓ ସ୍ୱାର୍ଥ ପାଇଁ ଲଢେଇ କରି ଅନ୍ୟାୟ ଭାବେ ଗିରଫ ହୋଇ ଜେଲରେ ଥିବା ଯୁବ ସାଥୀମାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ । ବରଂ ସ୍ୱେଚ୍ଛାଚାରୀ ବିଜେଡି ଶାସନର ଅନ୍ତ ଘଟାଇବା ପାଇଁ ଆରମ୍ଭ ହୋଇଥିବା ଲଢେଇକୁ ଆହୁରି ଶାଣିତ କରାଯିବ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି । ଗୁରୁବାର ରାଜ୍ୟ ବିଜେପିର ଏକ ପ୍ରତିନିଧି ଦଳ ଗିରଫ ହୋଇ ଜେଲରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଥିଲେ । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ଯୁବମୋର୍ଚ୍ଚା ଯେଉଁ ସଂଗ୍ରାମ ଚଳାଇଛି ତାହାକୁ ରାଜ୍ୟବାସୀ ସମର୍ଥନ ଜଣାଇଛନ୍ତି । ବିଜେପି ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କ ମାନସିକ ବଳ ସୁଦୃଢ଼ ଅଛି । ଓଡିଶାର ଶତାଧିକ ଯୁବକ ଯୁବମୋର୍ଚ୍ଚାର ଏହି ଆନ୍ଦୋଳନ ପଛରେ ଦୃଢତାର ସହ ଛିଡା ହୋଇଛନ୍ତି । ତାଙ୍କ ସ୍ୱରକୁ ରାଜ୍ୟ ସରକାର ଚପାଇ ପାରିବେ ନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ବାସୁଦେବପୁର ମହୋତ୍ସବ ୨୦୨୩ ଉଦ୍‌ଯାପିତ

ବାସୁଦେବପୁର, ୦୯/୦୩ (ନି.ପ୍ର): ବାସୁଦେବପୁର ମହୋତ୍ସବ ଇତି ମଧ୍ୟରେ ଉଦଯାପିତ ହୋଇଯାଇଛି । ବାସୁଦେବ୍ୟାନ ବାସୁଦେବପୁର ମହୋତ୍ସବର ଉଦ୍‌ଯାପନ ଦିବସରେ ବାସୁଦେବପୁର ପୌର ପାଳିକା ନିବେଦିତା ବେହେରା ଅଧ୍ୟକ୍ଷତା କରିଥିଲେ । ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ, ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସମାଜ ସେବୀ ଶୁଭେନ୍ଦୁ ଭୂଷଣ ବେହେରା, ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ପ୍ରମୁଖ ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନୃତ୍ୟ, ସଂଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଜନ ଶିକ୍ଷଣ ସଂସ୍ଥାନ ଭଦ୍ରକ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭଦ୍ରକ, ୦୯/୦୩ (ନି.ପ୍ର): ଜନ ଶିକ୍ଷଣ ସଂସ୍ଥାନ, ଭଦ୍ରକ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ଓଡିଶାରେ ସାମଗ୍ରିକ ବିକାଶରେ ମହିଳାଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଡିଜିଟାଲ ଶିକ୍ଷାର ଉଭାବନ, ସମାନତା ଏବଂ ପ୍ରଯୁକ୍ତି ବିଦ୍ୟା ପ୍ରକୃତରେ ଅଧିକ ସୃଜନଶୀଳ ସମାଧାନ ସୃଷ୍ଟି କରିଛି ଏବଂ ମହିଳାଙ୍କ ଆବଶ୍ୟକ ପୂରଣ କରିଛି । ଯାନ୍ତ୍ରିକ ବିଦ୍ୟା ତୃଣମୂଳ ସ୍ତରରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବାରେ ଅଧିକ ସମ୍ଭାବନା ସୃଷ୍ଟି କରୁଛି । ନାରୀ ଅସାଧାରଣ । ସେ ଧୈର୍ଯ୍ୟ, ସାହସ ଓ ସୃଜନଶୀଳତାର ପ୍ରତିରୂପ । ବିଭିନ୍ନ କ୍ଷେତ୍ରରେ ନାରୀ ଦକ୍ଷତା ପ୍ରଦର୍ଶନ କରି ସଫଳତାର ନୂଆ ଶୀର୍ଷ ଛୁଇଁପାରିଛନ୍ତି । ଏହି ଦିବସ ପାଳନ ଅବସରରେ ଜିଲ୍ଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ । ସମାଜସେବୀ ସୋଫିଆ ସେକ ସମ୍ମାନିତ ଅତିଥି ଭାବରେ ଏବଂ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି ଅତିଥି ଭାବରେ ଯୋଗ ଦେଇ ଉପସ୍ଥିତ ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବାପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଆରତୀ ସାହୁଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଷ୍ପଲତା ନାୟକ ଏବଂ କାବେରୀ ବେହେରାଙ୍କୁ ସମ୍ମାନିତ କରାଯାଇଛି । ବିୟୁଟି ଆସିଷ୍ଟାଣ୍ଟ କୋର୍ସ ର ୪୦ ଜଣ ଓ ଆସିଷ୍ଟାଣ୍ଟ ଡ୍ରେସ ମେକର କୋର୍ସର ୨୦ ଜଣଙ୍କୁ ପ୍ରଣାମ ପତ୍ର ପ୍ରଦାନ କରାଯାଇଥିଲା । ପ୍ରୋଗ୍ରାମ ଅଫିସର ମିଲୁ କୁମାର ମହନ୍ତ, ସହକାରୀ ପ୍ରୋଗ୍ରାମ ଅଫିସର ଗଜେନ୍ଦ୍ର ସାହୁ, ଅର୍ଥ ଅଧିକାରୀ ବିଶ୍ୱନାଥ ବେହେରା ଏବଂ ରଶ୍ମିରଂଜନ ସାହୁ, ବୃନ୍ଦାବନ ସାହୁ, ସବିତା ଜେନା ଇତ୍ୟାଦି କର୍ମଚାରୀଗଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଟ୍ରେନିଂ ବେଳେ ଗୁଳି ଫୁଟି ଯବାନ ଆହତ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ଟ୍ରେନିଂ ସମୟରେ ଏସ୍‌ଓଜି କ୍ୟାମ୍ପରେ ଗୁରୁବାର ଅଘଟଣ ଘଟିଛି । ଜଣେ ଯବାନଙ୍କ ଗୁଳିରେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି । ତାଙ୍କୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକାସ୍ଥିତ ସ୍ପେଶାଲ୍ ଅପରେସନ୍‌ସ ଗ୍ରୁପ୍ (ଏସ୍‌ଓଜି) ଯବାନଙ୍କ କ୍ୟାମ୍ପରେ ଯବାନମାନଙ୍କୁ ଟ୍ରେନିଂ ଦିଆଯାଉଥିବା ବେଳେ ଭୁଲ ବଶତଃ ଜଣେ ଯବାନଙ୍କ ବନ୍ଧୁକରୁ ଗୁଳି ବାହାରି ଯାଇଥିଲା । ଏହି ଗୁଳି ଆଉ ଜଣେ ଯବାନଙ୍କ ଗୋଡ଼ରେ ବାଜିବାରୁ ସେ ଆହତ ହୋଇଛନ୍ତି । ତାଙ୍କୁ ତୁରନ୍ତ ମେଡ଼ିକାଲ ନିଆ ଯାଇଥିଲା ।

ଫରେନ୍ସିକ ଲ୍ୟାବରେ ପାରାଦୀପରୁ ଧରା ପଡ଼ିଥିବା ସନ୍ଦିଗ୍ଧ ପାରା

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ଭୁବନେଶ୍ୱର ଫରେନ୍ସିକ ଲ୍ୟାବରେ ପହଂଚିଛି ପାରାଦୀପରୁ ଧରା ପଡ଼ିଥିବା ସନ୍ଦିଗ୍ଧ ପାରା । କଟକ କ୍ରାଇମବ୍ର